ବର୍ଷ-୨୪, ସଂଖ୍ୟା-୨୪୩
ଭୁବନେଶ୍ୱର
୦୩ ଅକ୍ଟୋବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 243
Bhubaneswar
03 October, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଇରାନ୍‌ର ଆକ୍ରମଣ ପରେ ରକ୍ତମୁଖା ଇସ୍ରାଏଲ୍

**ନୂଆଦିଲ୍ଲୀ,୨।୧୦:** ଇସ୍ରାଏଲ ଉପରେ ଇରାନ୍ ୪୦୦ରୁ ଅଧିକ ମିସାଇଲ୍ ମାଡ଼ କରିବା ପରେ ପୁଣି ବିଶ୍ୱ ଆଉ ଏକ ବିଶ୍ୱ ଯୁଦ୍ଧ ଦେଖିବ ବୋଲି ଚର୍ଚ୍ଚା ହେଲାଣି। ଏହି ଆକ୍ରମଣ ପରେ ଚିହିଁକି ଉଠିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ।ସେ ଇରାନକୁ ଦେଇଛନ୍ତି କଡ଼ା ଚେତାବନୀ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧ ଉପରେ ଆମେରିକା ସହ ଚୀନ୍, ବ୍ରିଟେନ, ଋଷିଆ,ଚୀନ୍, ଉତ୍ତର କୋରିଆ ପ୍ରମୁଖ ଶକ୍ତିଶାଳୀ ଦେଶଗୁଡିକ ତୀକ୍ଷ୍ଣ ନଜର ରଖିଛନ୍ତି। ସେହିପରି ଇରାନ୍‌ରେ ରହୁଥିବା ଭାରତୀୟ ସତର୍କ ରହିବାକୁ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଋଷ ମଧ୍ୟପ୍ରାଚ୍ୟର ପରିସ୍ଥିତିକୁ ନେଇ ଆରବ ଦେଶଗୁଡ଼ିକ ସହିତ ବୁଧବାର ଜରୁରୀ ବୈଠକ କରିଛି।

ଇରାନ୍‌ର ଘନ ଘନ ମିସାଇଲ୍ ମାଡ଼ ପରେ ଜେରୁଜେଲମରେ ଏକ ସୁରକ୍ଷା କ୍ୟାବିନେଟ୍ ବୈଠକ ଡକାଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଏହି ବୈଠକ ବେଳେ ସେ ଇରାନ୍‌କୁ ଦେଇଛନ୍ତି କଡ଼ା ଚେତାବନୀ ସେ କହିଛନ୍ତି, ଇରାନକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ ସାଙ୍ଘାତିକ ପରିଣାମ ଭୋଗିବ ଇରାନ୍। ନେତାନ୍ୟାହୁ କହିଛନ୍ତି ଯେ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣ ବିଫଳ ହୋଇଛି।



ଇସ୍ରାଏଲର ମିସାଇଲ୍ ଏୟାର ଡିଫେନ୍ସ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଉନ୍ନତ, ଏହା ଦ୍ୱାରା ହିଁ ଇରାନର ଆକ୍ରମଣକୁ ବିଫଳ କରାଯାଇଛି।

ଏକ ବଡ଼ ସମ୍ଭାବନା ଅଛି ଯେ ବର୍ତ୍ତମାନ ଇସ୍ରାଏଲର ପରବର୍ତ୍ତୀ ଲକ୍ଷ୍ୟ ଇରାନର ଆଣବିକ ସ୍ଥଳ ହୋଇପାରେ। ଇସ୍ରାଏଲ୍ ଦ୍ୱାରା ଏହା ଏପରି ପଦକ୍ଷେପ ହେବ, ଯାହା କେବଳ ବିବାଦକୁ ଭୟଙ୍କର କରିବ ନାହିଁ ବରଂ ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ନେଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।ମିରର ଡଟ୍ ୟୁକେର ରିପୋର୍ଟ ଅନୁଯାୟୀ, ଇରାନ ଇସ୍ରାଏଲର ଆଣବିକ ସ୍ଥାନ ଉପରେ ହୋଇଥିବା ଆକ୍ରମଣକୁ ଏକ ବିପଦ ଭାବରେ ଆଶଙ୍କା କରୁଛି। ଆଣବିକ ଅସ୍ତ୍ର ହାସଲ କରିବାର ଇରାନର ସ୍ୱପ୍ନ ବହୁତ ପୁରୁଣା। ଏଭଳି ପରିସ୍ଥିତିରେ ଇରାନ ଏଭଳି ଆକ୍ରମଣ ପରେ ପଛକୁ ଫେରିପାରିବ ନାହିଁ। ଯଦି ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସାମରିକ ବିବାଦ ବଢ଼ିଯାଏ ତେବେ ପାଶ୍ଚାତ୍ୟ ଦେଶ ମଧ୍ୟ ଏଥିରେ ସାମିଲ ହେବାର ସମ୍ଭାବନା ରହିଛି।

ଇରାନର ସହଯୋଗୀ ରୁଷିଆ, ଉତ୍ତର କୋରିଆ ଏବଂ ଚୀନ୍ ମଧ୍ୟ ସାମ୍ପ୍ରତିକ ବିକାଶ ଉପରେ ନଜର ରଖିଛନ୍ତି। ୟୁକ୍ରେନରେ ମଧ୍ୟ ଏକ ବିବାଦ ଜାରି ରହିଛି। ରୁଷିଆ ବିରୁଦ୍ଧରେ ଲଢୁଥିବା ୟୁକ୍ରେନକୁ ପାଶ୍ଚାତ୍ୟର ସମର୍ଥନ ରହିଛି। ଏସବୁ ସ୍ଥିତି ତୃତୀୟ ବିଶ୍ୱଯୁଦ୍ଧର ଭୟକୁ ବୃଦ୍ଧି କରୁଛି।

ବିଶେଷଜ୍ଞମାନଙ୍କ ଅନୁସାରେ ଏକ ଭିନ୍ନ ରୂପରେ ବିଶ୍ ଏକ ବିଶ୍ୱଯୁଦ୍ଧରେ ଜଡିତ ହୋଇସାରିଛି ଏହାକୁ 'ହାଇବ୍ରିଡ୍ ଯୁଦ୍ଧ' କୁହାଯାଉଛି। ଯାହା ପରଦା ପଛରେ ଲଢ଼ାଯାଉଛି। ଏଥିରେ ଗୁପ୍ତ ସାମରିକ କାର୍ଯ୍ୟ, ଅସ୍ଥିରତା ମିଶନ, ବିଚ୍ଛିନ୍ନତା, ନିର୍ବାଚନରେ ହସ୍ତକ୍ଷେପ ଏବଂ ହ୍ୟାକିଂ ଇତ୍ୟାଦି ଅନ୍ତର୍ଭୁକ୍ତ।ଇସ୍ରାଏଲ ଉପରେ ଆକ୍ରମଣ ପରେ ଇରାନ୍ ତରଫରୁ ମଧ୍ୟ ପ୍ରତିକ୍ରିୟା ସାମ୍ନାକୁ ଆସିଛି ଇରାନ୍‌ର ଜଣେ ଅଧିକାରୀ କହିଛନ୍ତି, ଯଦି ଇସ୍ରାଏଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଏହାର କଡ଼ା ଜବାବ ଦିଆଯିବ। ମିଳିତ ଜାତିସଂଘରେ ଇରାନ କହିଛି ଯେ ଯଦି ଇସ୍ରାଏଲ ଏହାର ଜବାବ ଦିଅନ୍ତି, ତେବେ ଆମେ ବିନାଶକାରୀ ଢ଼ଙ୍ଗରେ ଜବାବ ଦେବୁ। ଇରାନ୍ ତରଫରୁ କରାଯାଇଥିବା ଏହି ଭୟଙ୍କର ଆକ୍ରମଣକୁ ଦୃଷ୍ଟିରେ ରଖି ଇସ୍ରାଏଲ ନିଜ ଦେଶବାସୀଙ୍କୁ ବଙ୍କର ଭିତରେ ରହିବାକୁ ନିର୍ଦ୍ଦେଶ ଦେଇଛି।

ଇରାନ ଘନ ଘନରୁ ଅଧିକ ମିସାଇଲ ମାଡ଼ କରିବାର ଦିନକ ପରେ ଇସ୍ରାଏଲ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କୁ ବ୍ୟାନ୍ କରିଛି। ଇସ୍ରାଏଲ ଉପରେ ଇରାନର ଆକ୍ରମଣକୁ ନିନ୍ଦା କରି ନଥିବାରୁ ଏହି ବ୍ୟାନ୍ ଘୋଷଣା କରାଯାଇଛି। ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଇସ୍ରାଏଲ କ୍ୟାଟ୍‌ଜ ବୁଧବାର ତାଙ୍କ ଏକ୍ସରେ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଇସ୍ରାଏଲ ପରେ ଇରାନର ଘୃଣ୍ୟ ଆକ୍ରମଣକୁ ପୃଥିବୀର ପ୍ରାୟ ସମସ୍ତ ଦେଶ ନିନ୍ଦା କରିଛନ୍ତି। କିନ୍ତୁ ଯିଏ ଏହି ଆକ୍ରମଣକୁ ସ୍ପଷ୍ଟ ଭାବେ ନିନ୍ଦା କରିପାରିବେ ନାହିଁ, ତାଙ୍କର ଇସ୍ରାଏଲର ମାଟିରେ ପାଦ ପକାଇବାର ଅଧିକାର ନାହିଁ। ଯେଉଁ ମହାସଚିବ ହମାସ, ହେଜବୁଲ୍ଲା ଓ ହାଉତିର ଆତଙ୍କବାଦୀ, ଦୁଷ୍କର୍ମକାରୀ ଓ ହତ୍ୟାକାରୀ ଏବଂ ବିଶ୍ୱ ଆତଙ୍କର ମା ଇରାନକୁ ସମର୍ଥନ କରନ୍ତି, ସେ ଜାତିସଂଘ ଇତିହାସରେ ଏକ କଳଙ୍କ ଭାବେ ମନେ ରହିବେ। ଆଣ୍ଟୋନିଓ ଗୁଟେରସଙ୍କ ସହଯୋଗ କରନ୍ତୁ ବା ନ କରନ୍ତୁ ଇସ୍ରାଏଲ ତାର ନାଗରିକଙ୍କୁ ସୁରକ୍ଷା ଯୋଗାଇ ଦେବ ଓ ଏହାର ଜାତୀୟ ସମ୍ମାନକୁ ଅକ୍ଷୁଣ୍ଣ ରଖିବ ବୋଲି କହିଛନ୍ତି ଇସ୍ରାଏଲ କ୍ୟାଟ୍‌ଜ।



ନୂଆଦିଲ୍ଲୀରେ ସ୍ୱଚ୍ଛ ଭାରତ ଅଭିଯାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ

# ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୧୦(ମହାଭାରତ):** ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା -୨୦୨୫ କନକ୍ଲେଭ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଆଗାମୀ ୫ବର୍ଷ ମଧ୍ୟରେ ଅଢ଼େଇ ଲକ୍ଷ କୋଟି ଟଙ୍କା ପୁଞ୍ଜି ଆଣିବାକୁ ଲକ୍ଷ୍ୟ ରଖିଛୁ ଓ ୧୦୦ଦିନ ଭିତରେ ୪୫ହଜାର କୋଟି ଟଙ୍କାର ପୁଞ୍ଜି ଓଡ଼ିଶାକୁ ଆସିସାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ।

ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯିବା ପୂର୍ବରୁ ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସେ ଦୁଇଦିନ ପାଇଁ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଦିଲ୍ଲୀରେ ନିବେଶକ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶା ଆସିବା ପାଇଁ ମଧ୍ୟ ପୁଞ୍ଜିନିବେଶକଙ୍କୁ ନିବେଦନ କରିବେ। ଓଡ଼ିଶାକୁ ବହୁ ସଂଖ୍ୟାରେ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ସେ ଉଦ୍ୟମ କରିବେ। ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ଓ୍ୱାନଟୁଓ୍ୱାନ୍ ଆଲୋଚନା ମଧ୍ୟ କରିବେ। ଏହାସହ ବିଶେଷକରି ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ପ୍ରାଥମିକତା ଦିଆଯିବ। ଏଦିଗରେ ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ଆଲୋଚନା କରାଯିବ। ଓଡ଼ିଶାରେ ପୁଞ୍ଜିଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକରାତ୍ମକ ଇକୋସିଷ୍ଟମ ସମ୍ବନ୍ଧରେ ସେ ଅବଗତ କରାଇବେ।

ଏହି ନିବେଶକ ସମ୍ମିଳନୀରେ ତାଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦ୍ରୁତ ଶିଳ୍ପାୟନ ପଥରେ ଆଗେଇ ନେବା ପାଇଁ ପ୍ରଚେଷ୍ଟା ଜାରି ରହିବ। ଉତ୍କର୍ଷ ମାନେ ଏକ୍ସଲେନ୍ସ ଓ ଉତ୍କର୍ଷ ଓଡ଼ିଶା କନକ୍ଲେଭ



ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଉତ୍କର୍ଷ ଆଣିଦେବ। ରାଜ୍ୟବାସୀଙ୍କ ପକ୍ଷରୁ ଏହି କାମର ଶୁଭାରମ୍ଭ କରିବାକୁ ଯାଉଛି ଓ ରାଜ୍ୟବାସୀଙ୍କ ଆଶୀର୍ବାଦ ଲୋଡୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସୂଚନାଯୋଗ୍ୟ, ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭ ପାଇଁ ଦିନ ଧାର୍ଯ୍ୟ ହୋଇଛି। ବିଜେଡି ସରକାରଙ୍କ ମେକ୍ ଇନ୍ ଓଡ଼ିଶାର ନାଁ ପରିବର୍ତ୍ତନ କରି ରାଜ୍ୟର ବିଜେପି ସରକାର ଏହାକୁ ଉତ୍କର୍ଷ ଓଡ଼ିଶାର ନାମକରଣ କରିଛନ୍ତି।

# ବାଦାମୀ ରଙ୍ଗ ହେଲା ସ୍କୁଲ୍ ୟୁନିଫର୍ମ

**ଭୁବନେଶ୍ୱର ୦୨/୧୦ (ମହାଭାରତ) :** ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସ୍କୁଲ୍ ୟୁନିଫର୍ମ ର ରଙ୍ଗ ବଦଳାଇଛନ୍ତି ରାଜ୍ୟ ସରକାର। ଗତ ବର୍ଷ ଘନନୀଳ ରଙ୍ଗରୁ ଚେକ୍ ପକା ହଷ୍ଟର ଗ୍ରୀନ୍ ରଙ୍ଗର ୟୁନିଫର୍ମ କରାଯାଇଥିଲା। ଏବେ ସେହି ଚେକ୍ ସାର୍ଟ ଓ ଫୁଲ ପ୍ୟାଣ୍ଟ ପିନ୍ଧିବେ, ମାତ୍ର ରଙ୍ଗ ଅଲଗା। ଛାତ୍ରଙ୍କର ପ୍ୟାଣ୍ଟକୁ ମେରୁନ୍ ରଙ୍ଗ କରାଯାଇଥିବା ବେଳେ ସାର୍ଟକୁ ବାଦାମୀ ରଙ୍ଗର କରାଯାଇଛି।



ଛାତ୍ରୀମାନେ ବାଦାମୀ ରଙ୍ଗର ଚେକ୍ ଶାଲ୍‌ଓ୍ୱାର୍ ସାଙ୍ଗକୁ ମେରୁନ୍ ରଙ୍ଗର ଜ୍ୟାକେଟ୍ ଓ ସୁଟ୍ ପିନ୍ଧିବେ। ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା ଅଧୀନରେ ଏହାକୁ ବଣ୍ଟନ କରାଯିବ। ଏହି ରଙ୍ଗକୁ ସରକାର ଚୂଡ଼ାନ୍ତ କରିଛନ୍ତି। ଯେଉଁ ସ୍କୁଲରେ ଚଳିତ ବର୍ଷ ୟୁନିଫର୍ମ ବଣ୍ଟନ ହୋଇପାରିନି, ସେଠାରେ ଏହି ନୂଆ ପୋଷାକ ବଣ୍ଟନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି।

ଗତବର୍ଷ ଜୁଲାଇ ମାସରେ ତତ୍କାଳୀନ ରାଜ୍ୟ ସରକାର ହାଇସ୍କୁଲ ପିଲା (ନବମ ଓ ଦଶମ ଶ୍ରେଣୀ)ଙ୍କ ସ୍କୁଲ ପୋଷାକରେ ପରିବର୍ତ୍ତନ କରିଥିଲେ। ଯେଉଁଥିରେ ପୂର୍ବରୁ ଛାତ୍ରଛାତ୍ରୀମାନେ ଧଳା ରଙ୍ଗର ସାର୍ଟ ଓ ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧି ସ୍କୁଲ୍ ଆସୁଥିବା ବେଳେ ୟୁନିଫର୍ମ ବଦଳାଯାଇଥିଲା। ଛାତ୍ରମାନଙ୍କ ପାଇଁ ହଷ୍ଟର ଗ୍ରୀନ୍ ଓ ଧଳା ରଙ୍ଗର ଚେକ୍ ସାର୍ଟ ଓ ହୋଲି ଗ୍ରୀନ୍ ରଙ୍ଗର ଫୁଲ୍ ପ୍ୟାଣ୍ଟ ଏବଂ ଛାତ୍ରୀମାନେ ହଷ୍ଟର ଗ୍ରୀନ୍ ଓ ଧଳା ରଙ୍ଗର ଚେକ୍ ଶାଲ୍‌ଓ୍ୱାର୍ ସାଙ୍ଗକୁ ହଷ୍ଟର ଗ୍ରୀନ୍ ରଙ୍ଗର ଜ୍ୟାକେଟ୍ ଓ ସୁଟ୍ ପିନ୍ଧିବା ବ୍ୟବସ୍ଥା କରାଯାଇଥିଲା। ଗତବର୍ଷ ଅଗଷ୍ଟ ୧୫ ସୁଦ୍ଧା ସମସ୍ତ ସ୍କୁଲରେ ଏହାକୁ ଲାଗୁ କରାଯାଇଥିଲା। ଏଥିସହ ସପ୍ତାହକୁ ଗୋଟିଏ ଦିନ ଉଭୟ ଛାତ୍ରଛାତ୍ରୀ ଟି-ସାର୍ଟ ଓ ଟ୍ରାକ୍ ପ୍ୟାଣ୍ଟ ପିନ୍ଧି ସ୍କୁଲ୍ ଆସିବାକୁ ନିର୍ଦ୍ଦେଶ ଥିଲା। ଏଥିପାଇଁ ୪ଟି ରଙ୍ଗ ନୀଳ, ନାଲି, ହଳଦିଆ, ସବୁଜ ରଙ୍ଗର ଟି-ସାର୍ଟ ହୋଇଥିଲା। ଯାହାକୁ ଏବେ ପିଲାମାନେ ପିନ୍ଧି ସ୍କୁଲ ଆସୁଛନ୍ତି।

# ବିଜେଡିକୁ ହିସାବ ମାଗିଲେ ମନମୋହନ

**ଭୁବନେଶ୍ୱର,୨।୧୦:** ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ବିଜେଡି ସୁପ୍ରିମୋ ଶାସକ ବିଜେପିକୁ ଦଳକୁ ସମାଲୋଚନା କରିବା କରିବା ପରେ ହିସାବ ମାଗିଛନ୍ତି ବିଜେପି ସଭାପତି ମନମୋହନ ସାମଲ। ନବୀନ ବାବୁ ୨୪ ବର୍ଷର ହିସାବ ଦିଅନ୍ତୁ ବୋଲି ସେ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସାମଲ୍ କହିଛନ୍ତି, ନବୀନ କେତେ ପ୍ରତିଶ୍ରୁତି ଦେଇଥିଲେ, କେତେ ପୂରଣ କରିଛନ୍ତି ? ତାହାର ହିସାବ ଦିଅନ୍ତୁ। ବିଜେପି ଯାହା ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରିଛି। ଯଦି ନବୀନ ଏହାକୁ ମିଛ କହୁଛନ୍ତି, ତାହେଲେ ସତ କଣ କୁହନ୍ତୁ। ସୁଭଦ୍ରା, ଧାନର ଏମ୍ଏସ୍‌ପି ବୃଦ୍ଧି, ରତ୍ନଭଣ୍ଡାର, ଭତ୍ତା ପ୍ରତିଶ୍ରୁତି ପାଳିଛୁ ୧୦୦ ଦିନରେ। ଏହା ଟ୍ରେଲର, ଆଗକୁ ଫିଲ୍ମ ବାକି ଅଛି ବୋଲି ମନମୋହନ ସାମଲ କହିଛନ୍ତି। ସେ ଆହୁରି କହିଛନ୍ତି, ବିଜେପିରେ ମିଶିବା ପାଇଁ ବହୁ ବିଜେଡି ନେତା ଆବେଦନ କରିଛନ୍ତି।

# ସ୍ୱଚ୍ଛତା ସମୃଦ୍ଧିର ଏକ ନୂଆ ମାର୍ଗ ପାଲଟିଛି : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨।୧୦(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ୱଚ୍ଛ ଭାରତ ମିଶନ ଶୁଭାରମ୍ଭର ୧୦ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅକ୍ଟୋବର ୨ ତାରିଖ ୧୫୫ତମ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଦିବସ ୨୦୨୪ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ଶ୍ରୀ ମୋଦୀ ଅମୃତ ଏବଂ ଅମୃତ ୨.୦, ଜାତୀୟ ସ୍ୱଚ୍ଛ ଗଙ୍ଗା ମିଶନ ଏବଂ ଗୋବର ଧନ ଯୋଜନା ସମେତ ୯୬୦୦ କୋଟି ରୁ ଅଧିକ ଟଙ୍କାର ଅନେକ ପରିମଳ ଏବଂ ସ୍ୱଚ୍ଛତା ପ୍ରକଳ୍ପର ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିଛନ୍ତି । ସ୍ୱଚ୍ଛତା ହିଁ ସେବା ୨୦୨୪ର ଥିମ୍ ହେଉଛି 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା'।

ଏହି ଅବସରରେ ପ୍ରଧାନମନ୍ତ୍ରୀ ପୂଜ୍ୟ ବାପୁ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରିବା ସହ ମା' ଭାରତୀଙ୍କ ପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମହାତ୍ମା ଗାନ୍ଧୀ ଏବଂ ଅନ୍ୟ ମହାନ ବ୍ୟକ୍ତିତ୍ୱଙ୍କ ସ୍ୱପ୍ନକୁ ସାମୂହିକ ଢଙ୍ଗରେ ସାକାର କରିବା ପାଇଁ ଆଜିର ଅବସର ପ୍ରେରଣାର ଉତ୍ସ ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ କର୍ତ୍ତବ୍ୟ ଭାବନାରେ ପରିପୂର୍ଣ୍ଣ ଅଛନ୍ତି ତଥାପି ଅକ୍ଟୋବର ୨ ତାରିଖରେ ସେ ସଙ୍ଗେ ସଙ୍ଗେ ଭାବପ୍ରବଣ ଅଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନର ୧୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ସ୍ୱଚ୍ଛ ଭାରତ ମିଶନର ଯାତ୍ରା କୋଟି କୋଟି ଭାରତୀୟଙ୍କ ଅତୁଟ ପ୍ରତିବଦ୍ଧତାର ପ୍ରତୀକ । ବିଗତ ୧୦ ବର୍ଷ ମଧ୍ୟରେ ଏହି ଆନ୍ଦୋଳନ ଦ୍ୱାରା ମିଳିଥିବା ଉଚ୍ଚ ଜନସମର୍ଥନ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଦେଶର ପ୍ରତ୍ୟେକ ନାଗରିକ ଏହାକୁ ନିଜର ମିଶନରେ ପରିଣତ କରିଛନ୍ତି – ଯାହା କି ସେମାନଙ୍କ ଜୀବନର ଏକ ଅଂଶ । ସ୍ୱଚ୍ଛ ଭାରତର ୧୦ ବର୍ଷର ମାଇଲଖୁଂଟ ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ମିଶନକୁ ଏକ ବିଶାଳ ଜନ ଆନ୍ଦୋଳନରେ ପରିଣତ କରିବା ରେ ସଫେଇମିତ୍ର, ଧାର୍ମିକ ନେତା, ଆଥଲେଟ୍, ସେଲିବ୍ରିଟି,



ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗଣମାଧ୍ୟମର ପ୍ରୟାସକୁ ପ୍ରଶଂସା କରିଥିଲେ । ଶ୍ରମଦାନ ଆକାରରେ ସ୍ୱଚ୍ଛ ଭାରତ ଦିଗରେ ଭାରତର ରାଷ୍ଟ୍ରପତି ଏବଂ ଭାରତର ପୂର୍ବତନ ଓ ବର୍ତ୍ତମାନର ଉପରାଷ୍ଟ୍ରପତିଙ୍କ ଅବଦାନକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ ଏବଂ ଦେଶକୁ ପ୍ରେରଣା ଦେଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ, ସହର ଏବଂ କଲୋନୀରେ ଆଜି ହେଉଥିବା ଅନେକ ସ୍ୱଚ୍ଛତା କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଏବଂ ରାଜ୍ୟର ମନ୍ତ୍ରୀ, ନେତା ଏବଂ ପ୍ରତିନିଧିଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ମଧ୍ୟ ଉଲ୍ଲେଖ କରିଥିଲେ । ସ୍ୱଚ୍ଛତା ପଖୱାଡାର ଏହି ସଂସ୍କରଣରେ କୋଟି କୋଟି ଲୋକ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ବୋଲି ସେ ସୂଚନା ଦେଇ କହିଥିଲେ ଯେ ସେବା ପକ୍ଷର ୧୫ ଦିନ ମଧ୍ୟରେ ସମଗ୍ର ଦେଶରେ ୨୭ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ୨୮ କୋଟି ଲୋକ ଅଂଶଗ୍ରହଣ କରିଥିଲେ । ଭାରତକୁ ସ୍ୱଚ୍ଛ ରଖିବା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଭାରତର ପ୍ରତ୍ୟେକ ନାଗରିକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ କୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛତା ସହ ଜଡିତ ପ୍ରାୟ ୧୦,୦୦୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ ହୋଇଛି । 'ମିଶନ ଅମୃତ' ଅଧୀନରେ ଅନେକ ସହରରେ ଜଳ ଓ ନର୍ଦ୍ଦମା ବିଶୋଧନ ପ୍ଲାଣ୍ଟ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ନମାମି ଗଙ୍ଗେ ହେଉ

# ଭୁବନେଶ୍ୱର ଲଜ୍ଜା ଘଟଣାରେ ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨।୧୦ (ମହାଭାରତ):** ଦୁଇ ଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ଘଟିଥିଲା ଲଜ୍ଜା ଜନକ ଘଟଣା। ବିଳମ୍ବିତ ରାତିରେ ଘରେ ପଶି ଦୁଇ ଅଭିଯୁକ୍ତ ଜଣେ ମହିଳାଙ୍କୁ ତାଙ୍କ ଝିଅ ଆଗରେ ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ କମିଶନରେଟ ପୋଲିସ ତୁରନ୍ତ ଘଟଣାର ତଦନ୍ତ କରି ମୋଟ ୩ ଜଣଙ୍କୁ ଆଜି ଗିରଫ କରିଛି।

ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଆଜି ଏଠାରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଏହି ଘଟଣାରେ ଗିରଫ ହୋଇଥିବା ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣ ସେଦିନ ଆପାର୍ଟମେଣ୍ଟର ସେହି ଘରେ ବାଲକୋନି କବାଟ ବାଟ ଦେଇ ଘରେ ପ୍ରବେଶ କରି ଅପରାଧ ଘଟାଇଥିଲେ। ଅନ୍ୟ ଜଣେ ବାହାରେ ରହି ସେମାନଙ୍କୁ ଏହି କାର୍ଯ୍ୟରେ ସହାୟତା କରିଥିଲେ।

ମୈତ୍ରି ବିହାରର ୫ ତାରକା ଆପାର୍ଟମେଣ୍ଟରେ ରହୁଥିଲେ ଟୁକୁନା ନାୟକ। ସେ ପେଶାରେ ଜଣେ ଅଟୋ ଚାଳକ। ତାଙ୍କର ସାଙ୍ଗ ହେଉଛନ୍ତି ବିକାଶ ନାୟକ। ପୂର୍ବରୁ ସେ ସେହି ଆପାର୍ଟମେଣ୍ଟରେ ରହୁଥିବା ବେଳେ ଏବେ କିନ୍ତୁ ଅନ୍ୟ ଅଞ୍ଚଳରେ ରହୁଛନ୍ତି। ସିଏ ହେଉଛନ୍ତି ଜଣେ ଡ୍ୟାନ୍ସର। ଆଉ ତାଙ୍କର ସାଙ୍ଗ ହେଉଛନ୍ତି ଜଗା ସିଂ। ସିଏ ହେଉଛନ୍ତି ଜଣେ ଗ୍ଲାସ୍ ଇଣ୍ଟେରିୟର ମିସ୍ତ୍ରୀ। ଯେହେତୁ ଏମାନଙ୍କର ବନ୍ଧୁତା ଥିଲା, ତେଣୁ ବିକାଶ ଓ ଜଗା ନିୟମିତ ଟୁକୁନାଙ୍କ ଫ୍ଲାଟକୁ ଯିବା ଆସିବା



କରୁଥିଲେ। ତେଣୁ ତାଙ୍କୁ ସିକ୍ୟୁରିଟି ଗାର୍ଡ କେବେ ଅଟକାଉନଥିଲେ କି ପ୍ରଶ୍ନ କରୁନଥିଲେ। ଏହି ଯିବା ଆସିବା ଭିତରେ ଆପାର୍ଟମେଣ୍ଟରେ ଏକୁଟିଆ ରହୁଥିବା ବ୍ୟକ୍ତିଙ୍କ ଉପରେ ନଜର ପକାଉଥିଲେ ବିକାଶ ଓ ଜଗା।

ଅଭିଯୋଗ ଅନୁସାରେ ଗତ ୨୯ ତାରିଖ ବିଳମ୍ବିତ ରାତିରେ ବିକାଶ ଓ ଜଗା ଆପାର୍ଟମେଣ୍ଟରେ ଏକୁଟିଆ ରହୁଥିବା ମହିଳାଙ୍କ ଘରକୁ ଯାଇଥିଲେ। ଆଉ ମହିଳାଙ୍କ ଘରୁ ଗୋଟିଏ ମୋବାଇଲ୍ ଚୋରି କରି ଆଣିଥିଲେ। ଖାଲି ମୋବାଇଲ୍ ଚୋରି କରିନଥିଲେ, ମହିଳାଙ୍କ ଘରର ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କରି ଆସିଥିଲେ। ଚୋରି ପରେ ବିକାଶ ଓ ଜଗା ଉଭୟ ଟୁକୁନାଙ୍କ ରୁମକୁ ଆସିଥିଲେ। ଚୋରି ନେଇ ପୂରା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ।

୩୦ ତାରିଖରେ ରାତି ପ୍ରାୟ ୨ଟା ହେବ, ମହିଳା ଜଣକ ନିଜ ଝିଅ ସହ ଘରେ ନିଘୋଡ଼ ନିଦରେ ଶୋଇ ପଡ଼ିଥିଲେ। ଠିକ୍ ସେହି ସମୟରେ ବିକାଶ ଓ ଜଗା ବାଲକୋନୀ ଗ୍ରୀଲ୍ ଦେଇ ଘରେ ପଶିଥିଲେ। ଆଉ ଘର ବାହାରେ ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡକୁ ଜଗି ରହିଥିଲେ ଟୁକୁନା। ପ୍ରଥମେ ସେମାନେ ମହିଳାଙ୍କୁ ପରିବା କଟା ଛୁରୀ ଦେଖାଇ ତାଙ୍କଠାରୁ ୨ଟି ମୋବାଇଲ ଓ ହଳେ କାନଫୁଲ ଚୋରି କରିଥିଲେ। ତା'ପରେ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ରାତିରେ ଜଣେ ପରେ ଜଣେ ଦୁଷ୍କର୍ମ କରିଥିଲେ। ଦୀର୍ଘ ୨ ଘଣ୍ଟାରୁ ଅଧିକ ସମୟ ଧରି ଉଭୟ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏଥିସହ ଘଟଣା ପ୍ରଘଟ କଲେ ଝିଅକୁ ହତ୍ୟା କରାଯିବ ବୋଲି ଧମକ ମଧ୍ୟ ଦେଇ ଆସିଥିଲେ।

ରାତି ପାହିଲା ପରେ ପୀଡ଼ିତା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନ୍ ଆଧାରରେ କମିଶନରେଟ୍ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତାଙ୍କ ବୟାନ୍ ରେକର୍ଡ କରିବା ସହିତ ଦୁଷ୍କର୍ମ ହୋଇଥିବା ଘରେ ଯାଞ୍ଚ କରିଥିଲା। ଏଥିସହ ଗେଟରେ ଜଗି ରହିଥିବା ସିକ୍ୟୁରିଟି ଗାର୍ଡକୁ ଜେରା କରିଥିଲା। ଖାଲି ସେତିକି ନୁହେଁ, ଆପାର୍ଟମେଣ୍ଟରେ ରହୁଥିବା କିଛି ଲୋକଙ୍କୁ ମଧ୍ୟ ସନ୍ଦେହରେ ଜେରା କରିଥିଲା। ସେହି ସମୟରେ ଅଟୋ ଚାଳକ ଟୁକୁନା ସନ୍ଦେହ ଘେରକୁ ଆସିଥିଲେ। ତା'ପରେ ପୁଲିସ୍ ବିକାଶ ଓ ଜଗାଙ୍କୁ ଧରିବାରେ ସଫଳ ହୋଇଥିଲା।

ପୁଲିସ୍ କମିଶନର ସୁରେଶ ଦେବଦତ୍ତ ସିଂଙ୍କ କହିବା ଅନୁସାରେ ବିକାଶ ଓ ଜଗା ହେଉଛନ୍ତି ପେସାଗତ ଅପରାଧୀ। ବିକାଶ ନାଁରେ ଚନ୍ଦ୍ରଶେଖରପୁର ଥାନାରେ ୭ଟି ମାମଲା ରହିଛି। ଆଉ ଜଗା ନାଁରେ ଚନ୍ଦ୍ରେଶେଖରପୁର ଓ ଭରତପୁର ଥାନାରେ ୬ଟି ମାମଲା ରହିଛି। ଏମାନେ ବହୁବାର ଜେଲ୍ ଯାଇଛନ୍ତି। ଆଉ ପରବର୍ତ୍ତୀ ସମୟରେ ଜେଲରୁ ବାହାରି ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିଲେ। ଏଥର ବିକାଶ ଓ ଜଗାଙ୍କ ସମେତ ଟୁକୁନାଙ୍କ ନାଁରେ ୧୧୦ ଦଫାରେ ଗିରଫ କରାଯାଇଛି।

# ଭଦ୍ରକରେ ସ୍ୱାଭାବିକ ହେଲା ଇଣ୍ଟରନେଟ୍ ସେବା

**ଭଦ୍ରକ, ୨।୧୦ (ମହାଭାରତ):** ଧୀରେ ଧୀରେ ସୁଧୁରୁଛି ଭଦ୍ରକର ସ୍ଥିତି। ୪ ଦିନ ପରେ ଗତକାଲି ମଧ୍ୟରାତ୍ରିରୁ ଭଦ୍ରକ ରେ ସ୍ୱାଭାବିକ ହୋଇଛି ଇଣ୍ଟରନେଟ୍ ସେବା। ସୋଶାଲ ମିଡିଆ। ପୋଷ୍ଟକୁ ନେଇ ଦେଖାଦେଇଥିବା ଉତ୍ତେଜନା ପରେ ଇଣ୍ଟରନେଟ ସେବାକୁ ବନ୍ଦ କରି ଦିଆଯାଇଥିଲା। ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଥିଲେ ମଧ୍ୟ ୧୬୩ ଜାରି ରହିଛି।

ଗତକାଲି ପୁଲିସ ଡିଜି ୱାଇ.ବି ଖୁରାନିଆ। ଭଦ୍ରକ ଗସ୍ତରେ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ଏହା ପରେ ପରେ ଇଣ୍ଟରନେଟ୍ ସେବା ସ୍ୱଭାବିକ୍ କରାଯାଇଛି। ସୋସିଆଲ ମିଡିଆରେ ଏକ ପୋଷ୍ଟକୁ ନେଇ ହୋଇଥିବା ଗଣ୍ଡଗୋଳରେ ବର୍ତ୍ତମାନ ସୁଦ୍ଧା ୨୭ ଜଣ ଗିରଫ ହୋଇଛନ୍ତି। ପରିସ୍ଥିତି କ୍ରମେ ସୁଧୁରୁଥିଲେ ମଧ୍ୟ ୧୬୩ ଧାରା ବଳବତ୍ତର ରହି ମଝିରେ ମଝିରେ କୋହଳ କରାଯାଉଛି।

# ବଙ୍ଗୋପ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

**ଭୁବନେଶ୍ୱର,୨।୧୦(ମହାଭାରତ):** ଆଜି ଗୋଟିଏ ଘୂର୍ଣ୍ଣିବଳୟ ଦକ୍ଷିଣ-ପୂର୍ବ ବାଂଲାଦେଶ ଓ ନିକଟସ୍ଥ ଅଞ୍ଚଳରେ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଗୋଟିଏ ଲଘୁଚାପ କ୍ଷେତ୍ର ଆସନ୍ତା ୪ ତାରିଖ ପାଖାପାଖି ଉତ୍ତର ବଙ୍ଗୋପସାଗର ନିକଟସ୍ଥ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳରେ ସୃଷ୍ଟି ହେବାର ସମ୍ଭାବନା ରହିଛି।ତେବେ ବାତ୍ୟା ନେଇ କୌଣସି ଆକଳନ କରାଯାଇ ନାହିଁ ବୋଲି ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଏହାର ପ୍ରଭାବରେ ବର୍ଷା ହୋଇପାରେ।

ଚଳିତବର୍ଷ ଶୀତକୁ ନେଇ ଶ୍ରୀ ମହାପାତ୍ର କହିଛନ୍ତି, ବର୍ତ୍ତମାନ ଏଲିନୋ ସକ୍ରିୟ ନାହିଁ। ଏବେ ତାପମାତ୍ରା ୦.୫ ଡିଗ୍ରୀ ସେଲସିୟସ୍ ମାଇନସ୍ ରହିଛି। ପ୍ରଶାନ୍ତ ମହାସାଗରରେ ନ୍ୟୁଟ୍ରାଲ୍ ଏଲିନୋ କଣ୍ଡିସନ୍ ଚାଲିଛି। ତେଣୁ ଆମର ଅନୁମାନ ଅକ୍ଟୋବର ଓ ନଭେମ୍ବର ମାସରେ ଲାନିନା କଣ୍ଡିସନ୍ ଡେଭଲପ୍ ହେବ। ଲାନିନା କଣ୍ଡିସନ୍ ଯେତେବେଳେ ଡେଭ୍ଲପ୍ ହୁଏ, ସେତେବେଳେ ସାଧାରଣତଃ ଉତ୍ତର ଭାରତରେ ତାପମାତ୍ରା କମ୍ ରହିଥାଏ। କିନ୍ତୁ ସାଧାରଣତଃ ଲାନିନା ବର୍ଷମାନଙ୍କରେ ତାପମାତ୍ରା କମ୍ ରହିଥିବା ଦେଖାଯାଇଛି। ତେଣୁ ଅଧିକ ଥଣ୍ଡା ଅନୁଭୂତ ହୋଇଥାଏ। କିନ୍ତୁ ବର୍ତ୍ତମାନ ଅକ୍ଟୋବର ଓ ନଭେମ୍ବରରେ ଗୋଟିଏ ଦୁର୍ବଳ ନାଲିନା କଣ୍ଡିସନ୍ ହେବ। ତାହା ଧୀରେଧୀରେ ସକ୍ରିୟ ହେବ। ତେବେ କିଭଳି ସକ୍ରିୟ ହେବ, ତାକୁ ଅନୁଧ୍ୟାନ କଲେ କେତେ ପରିମାଣରେ ଥଣ୍ଡା ବିବ ଜଣାପଡିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ବୁଲେଟିନ୍ ଅନୁସାରେ ଆସନ୍ତାକାଲି ଅର୍ଥାତ ଗୁରୁବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, ଗଞ୍ଜାମ,ଗଜପତି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଘଡ଼ଘଡ଼ି ସହ ବଜ୍ରପାତହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ,

## ଡାଲ୍ ରାଇସ୍

ସାମଗ୍ରୀ: ଚାଉଳ, ହରଡ଼ ଡାଲି, ହଳଦୀ ଗୁଣ୍ଡ, ସୋରିଷ, ମୁଗ ଡାଲି, ମେଥି, ପିଆଜ, ବିଲାତି, ଅଦା ଓ ରସୁଣ ପେଷ୍ଟ, ତେନ୍ତୁଳି ରସ, ତେଲ, ଘିଅ, ଲୁଣ ସ୍ୱାଦନୁସାରେ, ଭୃର୍ସୁଙ୍ଗ ପତ୍ର, ଧନିଆ ପତ୍ର

ଗ୍ରାଇଣ୍ଡିଙ୍ଗ୍ ପାଇଁ- ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ, ନଡ଼ିଆ କୋରା

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ ଓ ନଡ଼ିଆ କୋରା ଭଲଭାବରେ ଗ୍ରାଇଣ୍ଡିଙ୍ଗ୍ କରିନିଅନ୍ତୁ । ଚାଉଳ, ଡାଲି ଓ ମେଥିକୁ ଭଲଭାବରେ ଅଲଗା ଅଲଗା କରି ପାଣି ରେ ୧ ଘଣ୍ଟା ଯାଏ ଭିଜେଇ ରଖନ୍ତୁ । ପ୍ରେସରକୁକରରେ ୨ କପ୍ ପାଣି ନେଇ ହଳଦୀ ଗୁଣ୍ଡ, ଡାଲି ଓ ମେଥିକୁ ଗୋଟିଏ ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏହାପରେ ୩ କପ୍ ପାଣି ଦେଇ ଚାଉଳ ଡାଳି ଦୁଇଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ପରେ ତେନ୍ତୁଳି ରସ, ଲୁଣ ଓ ଗ୍ରାଇଣ୍ଡିଙ୍ଗ୍ ହୋଇଥିବା ପେଷ୍ଟ ପକାଇ ୪ଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏକ ପ୍ୟାନରେ ଘିଅ ଗରମ କରି କଟା ପିଆଜ, ବିଲାତି ଓ ଅଦା-ରସୁଣ ପେଷ୍ଟ ଭଲ ଭାବରେ ଭାଜନ୍ତୁ । ଆଉ ଏକ ପ୍ୟାନରେ ତେଲ ଗରମ କରି ସୋରିଷ, ଭୃର୍ସୁଙ୍ଗ ପତ୍ର ଓ ମୁଗ ଡାଲିକୁ ଭଲ ଭାବରେ ଭାଜନ୍ତୁ ଯ ପରେ ସମସ୍ତ ଭଜା ହୋଇଥିବା ସାମଗ୍ରୀକୁ ନେଇ ଭଲ ଭାବରେ ରନ୍ଧା ହୋଇଥିବା ଚାଉଳ ଓ ଡାଲି ରେ ମିଶାଇ ଦିଅନ୍ତୁ । ପରେ ଏକ ପାତ୍ରକୁ କାଢି ଧନିଆ ପତ୍ର ସଜାଇ ଗରମା ଗରମ ପରସନ୍ତୁ।



## ଖବର


# ସମସ୍ତଙ୍କୁ ସବୁ ଆସେନି: ତୃପ୍ତି



ଆଜିକାଲି ବଲିଉଡରେ ନିର୍ମାତାମାନଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି ତୃପ୍ତି ଡିମ୍ରି। ଫିଲ୍ମ 'ଆନିମଲ'ରେ ଖୁବ କମ ସମୟ ପାଇଁ ନଜର ଆସି ଲୋକପ୍ରିୟ ହେବା ପରେ ତୃପ୍ତିଙ୍କୁ ଫିଲ୍ମ ପରେ ଫିଲ୍ମ ମିଳିବାରେ ଲାଗିଛି। ଗତ କିଛି ମାସ ମଧ୍ୟରେ ସେ ଅନେକ ଫିଲ୍ମରେ ନଜର ଆସିବା ସହ ଅନେକ ଫିଲ୍ମର ଘୋଷଣା ମଧ୍ୟ ହୋଇସାରିଲାଣି। ଏବେ ତାଙ୍କ ଆଗାମୀ ଫିଲ୍ମ 'ବିକି ବିଦ୍ୟା କା ଓ୍ୱ ଓ୍ୱାଲା ଭିଡିଓ' ରିଲିଜ୍ ହେବାକୁ ଯାଉଛି। ଏହାର ଟ୍ରେଲର ରିଲିଜ୍ ସହ କିଛି ଗୀତ ବି ରିଲିଜ୍ ହୋଇଛି। ଏବେ ଏହି ଫିଲ୍ମର ଗୀତ 'ମେରେ ମେହବୁବ'କୁ ନେଇ ତୃପ୍ତିଙ୍କୁ ଟ୍ରୋଲ କରୁଛନ୍ତି ଲୋକେ। ଗୀତରେ ଗୋଟାଏ ଭାଗରେ ସେ ତଳେ ଶୋଇ ନୃତ୍ୟ କରୁଥିବା ଦେଖାଯାଇଛି। ଏହାକୁ ଅଶ୍ଳୀଳ କହି ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। କିଛି ଲୋକ ତାଙ୍କୁ ନାଚି ଆସୁନଥିବା ମଧ୍ୟ କହି ଟ୍ରୋଲ କରିଛନ୍ତି। ଏମଧ୍ୟରେ ଅଭିନେତ୍ରୀ ସେମାନଙ୍କୁ କଡ଼ା ଜବାବ ଦେଇଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ମୋତେ ସବୁକିଛି ଚେଷ୍ଟା କରିବାକୁ ପଡ଼ିବ। ଜଣେ ପ୍ରତ୍ୟେକ ଜିନିଷରେ ଭଲ ହୋଇପାରିବ ନାହିଁ ଚେଷ୍ଟା କରିବାରେ ଅସୁବିଧା କୋଉଠି ? ପ୍ରଥମ କରି ମୁଁ ଏଭଳି ଗୀତରେ ନୃତ୍ୟ କଲି। ପୂର୍ବରୁ ମୋତେ କିଛି ବି ଜଣାନଥିଲା। ଗୀତରେ ମୁଁ ଭଲ ନୃତ୍ୟ କରିବାକୁ ଚେଷ୍ଟା କରିଥିଲି। କିନ୍ତୁ ଲୋକେ ଏଭଳି ଟ୍ରୋଲ କରିବେ ବୋଲି ଜଣାନଥିଲା। ଛାଡ଼ ଯ ସମସ୍ତଙ୍କ ସହ ଏଭଳି ଘଟେ।କିଛି ଜିନିଷକୁ ଲୋକେ ପସନ୍ଦ କରନ୍ତି ଏବଂ କିଛି ଜିନିଷକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ତା'ର ମାନେ ନୁହଁ ଯେ, ତୁମେ ପରୀକ୍ଷା କରିବା ଛାଡ଼ିଦେବ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି

ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।




■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

# ଆନନ୍ଦ ରାମାୟଣରେ ସୀତାଙ୍କ କଥା


ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମାକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ। ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ। ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ। ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ। ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ। ଏହାପରେ ରାଜା ପଦ୍ମାକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ। ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ



ନିଜ ମନର କଥା କହିଲେ। ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ। ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା। ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ। ବଡ଼ ହେବା ପରେ ରାଜା ପଦ୍ମାକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ। ସ୍ୱୟଂବରର ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା'କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ। ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା। ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମାକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ। ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ। ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ। ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ। ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା। ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା'କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା। ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା। ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା। ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ। କନ୍ୟା ଅତି ସୁନ୍ଦର ଥିଲେ। ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ। ତାହାହିଁ ହେଲା। ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- "ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା'ର ପରିବାରକୁ ଧ୍ୱଂସ କରିଦେବି ।" ଏହାଶୁଣି ରାବଣ ଡରିଗଲା। ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା। ମାତ୍ର ମନ୍ଦୋଦରୀ ତା'କୁ ଅଟକାଇଲେ। ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା। ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ। ତା'ଭିତରୁ କନ୍ୟାକୁ ବାହାର କଲେ। ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା।

# ଆଖି ମାଂସପେଶୀକୁ ସଙ୍କୁଚିତ କରୁଛି ଲ୍ୟାପଟପ

ଆଜିକାଲି ଆମେ ଦିନକୁ ୧୦-୧୨ ଘଣ୍ଟା କମ୍ପ୍ୟୁଟର, ଲ୍ୟାପଟପ, ଟିଭି କିମ୍ବା ମୋବାଇଲ ସ୍କ୍ରିନ୍ ସାମ୍ନାରେ ସମୟ ବିତାଉଛୁ । ଏଗୁଡ଼ିକର ସ୍କ୍ରିନ୍ ଆମ ଆଖି ଉପରେ କିଭଳି ପ୍ରଭାବ ପକାଏ। ଏକ ସଦ୍ୟ ଅଧ୍ୟୟନ ତାହା ଖୁଲାସା କରିଛି ଯ ବ୍ରିଟେନର ବ୍ରାଡ୍ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀମା ଘୋରବାନି କହିଛନ୍ତି, ଅଫିସ୍ ମିଟିଂ ହେଉ ବା ଅନଲାଇନ୍ ଅଧ୍ୟୟନ, ଲ୍ୟାପଟପ ସମସ୍ତଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । କିନ୍ତୁ ଏହା ଦ୍ୱାରା ଆଖିକୁ ବହୁତ କ୍ଷତି ପହଞ୍ଚୁଛି । ଅର୍ଥାତ ପାଖ ବସ୍ତୁ ତୁଳନାରେ ଦୂର ବସ୍ତୁ ଆମକୁ ସ୍ପଷ୍ଟ ଦେଖାଯାଏ । ଆମ ଆଖି ଉପଯୁକ୍ତ ଦୃଶ୍ୟ ପାଇବା ଲାଗି ଭିଜୁଆଲ ଏନ୍ଭିରନମେଣ୍ଟ ଓ ଜେନେଟିକ୍ ସିଗ୍ନାଲ ଉପରେ ପ୍ରତିକ୍ରିୟା କରେ । ତେବେ ମାୟୋପିଆ ପୀଡ଼ିତ ବ୍ୟକ୍ତିଙ୍କ ଆଖି କୌଣସି ପ୍ରକାର ଅନୁକୂଳିତ



ହୋଇପାରେ ନାହିଁ । ସେମାନଙ୍କ ଆଖିର ଲେନ୍ସ ଓ ରେଟିନା ମଧ୍ୟରେ ଦୂରତା ବଢ଼ିଯାଏ । ଉପରୋକ୍ତ ଗ୍ୟାଜେଟରେସମୟ ବିତାଇବା ଦ୍ୱାରା ଏହି ଦୂରତା ଆହୁରି ବଢ଼ିପାରେ । ଯେତେବେଳେ ଆମେ କୌଣସି ବସ୍ତୁକୁ ପାଖରୁ ଦେଖୁ, ନ୍ସର ଆକାର ଅନୁସାରେ ଅନୁକୂଳିତ ହେଉଥିବା ସିଲିଅରି ମାଂସପେଶୀ ସଙ୍କୁଚିତ ହୁଏ । ଏହା ଦ୍ୱାରା ଲେନ୍ସର ଆକାର ଅଧିକ ଗୋଲାକାର ହୁଏ । କୌଣସି ବସ୍ତୁରେ ଫୋକସ୍ କରିବାରେ ଏହା ରେଟିନାକୁ ସାହାଯ୍ୟ କରେ ଯସରଳ ଭାଷାରେ କହିଲେ, ସିଲିଅରି ମାଂସପେଶୀ ଉପରେ ଅଧିକ ଚାପ ପଡ଼ିବା ଦ୍ୱାରା ତାହା ପ୍ରସାରିତ ହୁଏ । ଫଳରେ ଲେନ୍ସକୁ ପୁଣି ସମତଳ ଆକାର ଦେବାର ଆଖିର କ୍ଷମତା ଦୁର୍ବଳ ହୋଇଥାଏ । ଏହା ଦ୍ୱାରା ଆଖି ଡୋଳା ମଧ୍ୟ ବଢ଼ିବାକୁ ଲାଗେ । ଫଳରେ ତା'ର ସଂରଚନା ଓ ରେଟିନା ଉପରେ ଆଲୋକ କେନ୍ଦ୍ରିତ କରିବାର କ୍ଷମତାରେ ସ୍ଥାୟୀ ପରିବର୍ତ୍ତନ ହୋଇପାରେ ।ବର୍ଦ୍ଧିତ ଆଖି ଡୋଳାରେ ଦୂର ବସ୍ତୁକୁ ଦେଖିବା ଦ୍ୱାରା ଫୋକସ୍ ରେଟିନାର ସାମ୍ନାରେ ଥାଏ, ଫଳରେ ବସ୍ତୁତ ଝାପ୍ସା ଦିଶେ । କମ୍ପ୍ୟୁଟର ଓ ମୋବାଇଲ ସ୍କ୍ରିନ୍ରେ ଘଣ୍ଟା ଘଣ୍ଟା ଧରି କାମ କରିବା ଦ୍ୱାରା ଆଖି ଉପରେ ପଡୁଥିବା ଚାପରୁ ରକ୍ଷା ପାଇବା ଲାଗି ନୀଳ ଆଲୋକକୁ ଫିଲ୍ଟର କରୁଥିବା ଚଷମାର ଚାହିଦା ବଢ଼ିଛି । କିନ୍ତୁ ଏହାର ବୈଜ୍ଞାନିକ ପ୍ରମାଣ ମିଳିନାହିଁ ।ବୈଜ୍ଞାନିକଙ୍କ ଅନୁସାରେ, ଏ ପ୍ରକାର ଚଷମା ଆଖିକୁ ଚାପମୁକ୍ତ କରେ ନାହିଁ । ବିଶେଷଜ୍ଞମାନେ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପଛରେ ନୀଳ ରଶ୍ମିକୁ କାରଣ ବୋଲି ମାନୁନାହାନ୍ତି । ଦୀର୍ଘ ସମୟ ଧରି କମ୍ପ୍ୟୁଟର ବା ଲ୍ୟାପ୍ଟପ୍ ସାମ୍ନାରେ ବସିବା ପରେ ମୁଣ୍ଡବିନ୍ଧା, ଧୂଆଁଳିଆ ଦିଶିବା, ଆଖି ଜଳାପୋଡ଼ା ଭଳି ସମସ୍ୟା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ଯ ଗବେଷଣାରୁ ଜଣାପଡ଼ିଛି, ଅନ୍ୟ ସାଧାରଣ ଚଷମା ତୁଳନାରେ ନୀଳ ରଶ୍ମିକୁ ଫିଲ୍ଟର କରୁଥିବା ଚଷମାରେ କୌଣସି ଅତିରିକ୍ତସୁବିଧା ନାହିଁ । ଏହା ଦ୍ୱାରା ଆଖି ଜଳାପୋଡ଼ା ଓ ଥକାପଣ କମେ ନାହିଁ କିମ୍ବା ଦୃଷ୍ଟିଶକ୍ତିରେ ମଧ୍ୟ ଏହା ସୁଧାର ଆଣେ ନାହିଁ । ତେଣୁ ଆପଣ ଯଦି ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ଲ୍ୟାପଟପ ବା ମୋବାଇଲ ସାମ୍ନାରେ ବସୁଛନ୍ତି, ତେବେ ଚକ୍ଷୁ ସମସ୍ୟା ଲାଗି ରହିବ, ଯାହା ଚଷମା ବ୍ୟବହାର ଦ୍ୱାରା କମିବ ନାହିଁ ।

# ଦଶ ଦିଗପାଳ

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ମୋଟ୍ ଦଶଟି ଦିଗ ରହିଛି । ସେଗୁଡ଼ିକ ହେଲେ- ଊର୍ଦ୍ଧ୍ୱ, ଈଶାନ, ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈରତ୍ୱ, ପଶ୍ଚିମ, ବାୟବ୍ୟ, ଉତ୍ତର ଏବଂ ଅଧୋ । ଆଉ ଏକ 'ମଧ୍ୟ' ଦିଗ ସମ୍ବନ୍ଧରେ ମଧ୍ୟ କେତେକ ପୁରାଣରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ର କୁହେ, ପ୍ରତ୍ୟେକ ଦିଗରେ ଜଣେ ଲେଖାଏଁ ଦେବତାଙ୍କୁ ନିଯୁକ୍ତ କରାଯାଇଛି । ଏହି ଦେବତାଙ୍କୁ 'ଦିଗପାଳ' କୁହାଯାଏ । ଯାହାର ଅର୍ଥ ଦିଗପାଳ । ଏମାନେ ଦିଗର ରକ୍ଷା କରିଥାନ୍ତି ।

ଦଶ ଦିଗରେ ଦଶ ଦିଗପାଳ ହେଲେ- ଊର୍ଦ୍ଧ୍ୱ ଦିଗରେ ବ୍ରହ୍ମା, ଈଶାନ୍ ଦିଗରେ ଶିବ ବା ଈଶ, ପୂର୍ବ ଦିଗରେ ଇନ୍ଦ୍ର, ଆଗ୍ନେୟ ଦିଗରେ ଅଗ୍ନି କିମ୍ବା ବ୍ରାହ୍ମି, ଦକ୍ଷିଣ ଦିଗରେ ଯମ, ନୈରତ୍ୱ ଦିଗରେ ନରତି, ପଶ୍ଚିମ ଦିଗରେ ବରୁଣ, ବାୟବ୍ୟ ଦିଗରେ ବାୟୁ ବା ମାରୁତ, ଉତ୍ତର ଦିଗରେ କୁବେର ଏବଂ ଅଧୋ ବା ନିମ୍ନ ଦିଗରେ ଅନନ୍ତ ଦିଗପାଳ ରୂପରେ ବିରାଜମାନ କରିଛନ୍ତି ।

ବରାହ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦିଗପାଳଙ୍କ ଉତ୍ପତ୍ତି କଥା ଏହି ପ୍ରକାରେ- ଥରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ରଚନା ନିମନ୍ତେ ଚିନ୍ତାମଗ୍ନ ଥିଲେ । ଏହି ସମୟରେ ତାଙ୍କ କାନରୁ ୧୦ କନ୍ୟା ଉତ୍ପନ୍ନ ହେଲେ । ଏମାନଙ୍କ ମଧ୍ୟରୁ ମୁଖ୍ୟ ୬ଜଣ ଏବଂ ୪ ଜଣ ଗୌଣ ଥିଲେ । ଏହି ଦଶ କନ୍ୟା ହେଲେ ପୂର୍ବା (ଯେକି' ପୂର୍ବ ଦିଗ ନାମରେ ପରିଚିତ ହେଲେ), ଆଗ୍ନେୟୀ(ଯେକି' ଆଗ୍ନେୟ ଦିଗ ରୂପେ ପରିଚିତ ହେଲେ), ଦକ୍ଷିଣା (ଯେକି' ଦକ୍ଷିଣ ଦିଗ ବୋଲାଇଲେ), ନୈରତୀ (ଯେକି' ନୈରତ ଦିଗ ବୋଲାଇଲେ), ପଶ୍ଚିମା (ପଶ୍ଚିମ ଦିଗ ନାମରେ ପରିଚିତ ହେଲେ), ବାୟବୀ (ବାୟବ୍ୟ ଦିଗ ହେଲେ), ଉତ୍ତର (ଉତ୍ତର ଦିଗ ହେଲେ), ଏଶାନୀ (ଈଶାନ ଦିଗ ନାମରେ ପରିଚିତ ହେଲେ), ଊର୍ଦ୍ଧ୍ୱା (ଊର୍ଦ୍ଧ ଦିଗ ନାମରେ ପରିଚିତ ହେଲେ), ଅଦ୍ଧସ୍(ଅଧୋ ବା ନିମ୍ନ ଦିଗ ନାମରେ ପରିଚିତ ହେଲେ) ।

ଏହି କନ୍ୟାମାନେ ବ୍ରହ୍ମାଙ୍କୁ ପ୍ରଣାମ କରି ତାଙ୍କୁ ରହିବା ଲାଗି ଉପଯୁକ୍ତ ସ୍ଥାନ ଏବଂ ଉପଯୁକ୍ତ ପତି ଦେବା ଲାଗି ଅନୁରୋଧ କଲେ । ଏହାଶୁଣି ବ୍ରହ୍ମା କହିଲେ, ତୁମେମାନେ ଯେଉଁ ଦିଗକୁ ଯିବାକୁ ଚାହୁଁଛ ଯାଅ । ମୁଁ ତୁମକୁ ସେହି ଅନୁରୂପ ପତି ଦେବି । ଏହାପରେ ସେହି କନ୍ୟାମାନେ ଭିନ୍ନ ଭିନ୍ନ ଦିଗକୁ ଗତି କଲେ । ସେହି ଅନୁଯାୟୀ, ବ୍ରହ୍ମା ଦିଗପାଳମାନଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ଗୋଟିଏ ଗୋଟିଏ କନ୍ୟା ପ୍ରଦାନ କଲେ । ଏହାପରେ ଦିଗପାଳମାନେ ନିଜ ନିଜ ଦିଗକୁ ଚାଲିଗଲେ ।

ଲୋକପାଳ ଏବଂ ଦିଗପାଳ

ପୂର୍ବରେ ଇନ୍ଦ୍ର

ଦକ୍ଷିଣ-ପୂର୍ବ(ଆଗ୍ନେୟ)ରେ ଅଗ୍ନି

ଦକ୍ଷିଣରେ ଯମ

ଦକ୍ଷିଣ ପଶ୍ଚିମ(ନୈରତ୍ୱ)ରେ ସୂର୍ଯ୍ୟ

ପଶ୍ଚିମରେ ବରୁଣ

ପଶ୍ଚିମୋତ୍ତର (ବାୟବ୍ୟ)ରେ ବାୟୁ

ଉତ୍ତରରେ କୁବେର

ଉତ୍ତର-ପୂର୍ବ(ଈଶାନ୍)ରେ ସୋମ ବା ଈଶ ରହିଲେ ।

ଊର୍ଦ୍ଧ୍ୱ ଦିଗରେ ସ୍ୱୟଂ ବ୍ରହ୍ମା ରହିଲେ ଏବଂ ଅଧୋ ଦିଗ ଶେଷନାଗଙ୍କୁ ପ୍ରଦାନ କଲେ ।

ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରରେ ଦିଗପାଳଙ୍କ ବିଶେଷ ମହତ୍ୱ ରହିଛି । ଦିଗ ଅନୁଯାୟୀ, ଦିଗପାଳଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମନୁଷ୍ୟର କଲ୍ୟାଣ ହୋଇଥାଏ । ଦିଗପାଳଙ୍କୁ ସାକ୍ଷୀ ରଖି କେତେକ ଧାର୍ମିକ ପରମ୍ପରା ସମ୍ପନ୍ନ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥାଏ ।

# ଖୁବ୍ ଶୀଘ୍ର ଲାଗୁ ହେବ ଜାତୀୟ ଶିକ୍ଷା ନୀତି

**ଭୁବନେଶ୍ୱର,୨।୧୦ (ମହାଭାରତ):** ରାଜ୍ୟରେ ଖୁବଶୀଘ୍ର ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ କରାଯିବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଘୋଷଣା କରିଛନ୍ତି। ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷା ନୀତି -୨୦୨୦ ପ୍ରଣୟନ ନେଇରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱ ବିଦ୍ୟାଳୟର ପ୍ରସ୍ତୁତି ସଂପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ତଥା କର୍ମଶାଳା ଗତ ମଙ୍ଗଳବାର ଦିନ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ସୂରଜ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ ପାଇଁ ଖୁବ୍ କମ ଦିନ ମଧ୍ୟରେ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ତରଫରୁ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ପ୍ରସଂଶନୀୟ। ଏହି ନୀତି ବିଭିନ୍ନ କ୍ଷେତ୍ରରେ ଶିକ୍ଷା ବ୍ୟବସ୍ଥାରେ ପରିଲକ୍ଷିତ ହେଉଥିବାଅସୁବିଧା ଓ ଅଭାବକୁ ଦୂର କରିବା ଏବଂ ଶିକ୍ଷକ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ। ଆଗାମୀ ୧ ରୁ ୩ ସପ୍ତାହ ମଧ୍ୟରେ ଏ ସଂପର୍କରେଶୀର୍ଷସ୍ତରରେ ଆଲୋଚନା କରାଯାଇ ଖୁବ୍ ଶୀଘ୍ର ରାଜ୍ୟରେ ଏହି ନୀତି ଲାଗୁ କରାଯିବା ଉପରେ ସେ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟରେ ଏହି ନୀତି ଶତ ପ୍ରତିଶତ ପ୍ରଣୟନ କରାଯାଇ ଯେପରି ଓଡିଶା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ, ସେଥିପ୍ରତି ସେ ଗୁରୁତ୍ୱ ଦେଇଥିଲେ। ଏହାର କାର୍ଯ୍ୟାନ୍ୱୟନରେ ଯେଉଁ ସମସ୍ୟା ରହିବ, ତାହାକୁ ପର୍ଯ୍ୟାୟକ୍ରମେ ତତ୍କାଳ ସମାଧାନ କରାଯିବ ବୋଲି ମନ୍ତ୍ରୀ ମଧ୍ୟ ପ୍ରକାଶ କରିଥିଲେ।



ଏହି କର୍ମଶାଳାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରଫେସର ଡଃ. ସୁସ୍ମିତ ପ୍ରସାଦ ପାଣି ଏବଂପ୍ରଫେସର ଡଃ. ଅତନୁ ପତିଙ୍କ ସମେତ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟର କୁଳପତିମାନେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ କୁମାର ଅଗ୍ରୱାଲ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବର୍ତ୍ତମାନ ବିଭିନ୍ନ ପାଠ୍ୟକ୍ରମର ସ୍ଥିତି, ବିଭିନ୍ନ ଛାତ୍ରବୃତ୍ତି, ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଉପସ୍ଥାପନ କରିଥିଲେ। ଜାତୀୟ ଶିକ୍ଷା ନୀତି -୨୦୨୦ ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, ଏଥିପାଇଁ ମଧ୍ୟମ ଓ ଦୀର୍ଘମିଆଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉତ୍କଳ ବିଶ୍ୱ ବିଦ୍ୟାଳୟ, ରେଭେନ୍ସା ବିଶ୍ୱ ବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ଫକୀରମୋହନ ବିଶ୍ୱ ବିଦ୍ୟାଳୟ, ଓଡିଆ। ବିଶ୍ୱ ବିଦ୍ୟାଳୟ, ଧରଣୀଧର ବିଶ୍ୱ ବିଦ୍ୟାଳୟ,ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିମାନେ ଅଂଶଗ୍ରହଣ କରି ଏନଇପି-୨୦୨୦ ପ୍ରଣୟନ ନିମନ୍ତେ ବିଶ୍ୱ ବିଦ୍ୟାଳୟମାନଙ୍କର ପ୍ରସ୍ତୁତି ସଂପର୍କରେ ମତ ରଖିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ।

# ପିଆଇବି ଓ ସିବିସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨।୧୦ (ମହାଭାରତ):** ଦେଶବ୍ୟାପୀ ପାଳିତ ହେଉଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ ଏବଂ ଗାନ୍ଧୀ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱର ସ୍ଥିତ ଏନଏବିଏମ୍ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପକ୍ଷରୁ କାର୍ଯ୍ୟାଳୟ ପରିସର ସଫେଇ କରାଯାଇଥିଲା। ମନ୍ତ୍ରଣାଳୟର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ନେତୃତ୍ୱରେ ସିବିସି ଓ ପିଆଇବିର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ପାଇଁ ଶ୍ରମଦାନ କରିଥିଲେ। ଏହି ସ୍ୱଚ୍ଛତା ଅଭିଯାନରେ ସିବିସି ନିର୍ଦ୍ଦେଶକ ଡକ୍ଟର ଗିରିଶ ଚନ୍ଦ୍ର ଦାଶ, ପିଆଇବି ଉପନିର୍ଦ୍ଦେଶକ ମନୋଜ କୁମାର ଜାଲିଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଭାଗ ନେଇଥିଲେ।

# ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ

**ଭୁବନେଶ୍ୱର,୨।୧୦ (ମହାଭାରତ):** ପୁଷ୍ଟିଶସ୍ୟ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶ୍ରୀ ଅନ୍ନ ଅଭିଯାନ, ଓଡ଼ିଶା ହୋଟେଲ ଓ ରେଷ୍ଟୋରାଁ ଆସୋସିଏସନ୍ ଓ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନର ମିଳିତ ସହଯୋଗରେ ସେଫ୍‌ମାନଙ୍କ ପାଇଁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ କାଯର୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଦୁଇଦିନିଆ। ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡିକ ଭୁବନେଶ୍ୱରସ୍ଥିତ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଥିଲା । ହୋଟେଲ ଓ ରେଷ୍ଟୋରାଁରେ ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟକୁ ସାମିଲ କରିବା ପାଇଁ ଗତ ସେପ୍ଟେମ୍ବର ୧୧ ଓ ୧୨ ତାରିଖରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେହିପରି ୧୮ ଓ ୧୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଅନ୍ତିମ ପର୍ଯ୍ୟାୟରେ ୨୪ ଓ ୨୫ ତାରିଖ ଦୁଇଦିନ ଧରି ବିସ୍ମୃତ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନଗୁଡିକ ମାଧ୍ୟମରେ ସେମାନେ ବିଭିନ୍ନ ପୁଷ୍ଟିଶସ୍ୟଭିତ୍ତିକ ଏବଂ ବିସ୍ମୃତ ଖାଦ୍ୟକୁ ସେମାନଙ୍କ ହୋଟେଲର ଖାଦ୍ୟ ତାଲିକାରେ ସାମିଲ କରିବା ପାଇଁ ପ୍ରଶିକ୍ଷଣ ନେଇଥିଲେ । ଏହି ଅବସରରେ ପୁଷ୍ଟିଶସ୍ୟ ଯେପରିକି ମାଣ୍ଡିଆ, ସୁଆଁ, ଜହ୍ନା ଓ କାଙ୍ଗୁ ସମେତ ମାଟିଆଳୁ, ଡଙ୍ଗାରାନୀ, କଳା କୋଳଥ ଓ ମହୁଲ ଆଦି ବିସ୍ମୃତ ଖାଦ୍ୟରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀର ପ୍ରଶିକ୍ଷଣ ଦିଆଯାଇଥିଲା।

ସାରା ରାଜ୍ୟରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ଅଧିନରେ ଶ୍ରୀ ଅନ୍ନ ଅଭିଯାନ ଓ ବିସ୍ମୃତ ଖାଦ୍ୟ ପ୍ରକଳ୍ପ ମାଧ୍ୟମରେ ପୋଷକତତ୍ତ୍ୱରେ ଭରପୂର ପୁଷ୍ଟିଶସ୍ୟ ଏବଂ ବିସ୍ମୃତ ଖାଦ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଘରୋଇସ୍ତରରେ ଏହାର ବ୍ୟବହାର ବୃଦ୍ଧି କରିବା ନେଇ ଲକ୍ଷ୍ୟ ରଖାଯାଇଛି । ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ମାଧ୍ୟମରେ ପୁଷ୍ଟିଶସ୍ୟ ଏବଂ ବିସ୍ମୃତ ଖାଦ୍ୟର ବ୍ରାଣ୍ଡିଂ, ବିଭିନ୍ନ ସହଭାଗିତାମୂଳକ କାର୍ଯ୍ୟକ୍ରମ ଏବଂ ହୋଟେଲ ଓ ରେଷ୍ଟୋରାଁଗୁଡିକର ଖାଦ୍ୟ ତାଲିକାରେ ସେସବୁକୁ ସାମିଲ କରାଯିବ । ଓଡ଼ିଶା ହୋଟେଲ ଓ ରେଷ୍ଟୋରାଁ ଆସୋସିଏସନ୍, ଓଡ଼ିଶା ରେଷ୍ଟୋରାଁ ସଂଗଠନ ଏବଂ ଅନ୍ୟାନ୍ୟ ସଂଗଠନର ମିଳିତ ସହଯୋଗରେ କରାଯାଇଥିବା ଏହି ପ୍ରୟାସ ଆସନ୍ତା ନଭେମ୍ବର ୧୦ ଏବଂ ୧୧ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କ୍ରାଉନ’, ହୋଟେଲ ପୁଷ୍ପକ, ଚକୋଲାକା, ସୋଆ। ବିଶ୍ୱବିଦ୍ୟାଳୟ, ଗ୍ରୀନ ଚିଲ୍ଲିଜ୍, ସ୍ୱସ୍ତି ଗ୍ରାଣ୍ଡ, ପଲ୍ ହାଇଟ୍ସ, ଏମ୍ପାୟର୍ସ, ପିପୁଲ ପଦ୍ମଜା ପ୍ରିମିୟମ ହୋଟେଲ, ଟ୍ରାଇଡେଣ୍ଟ, ସିଭି ରମଣ ବିଶ୍ୱବିଦ୍ୟାଳୟ ଏବଂ ବୋକା କାଫେ ଆଦି ଭଳି ୪୭ଟି ପ୍ରମୁଖ ଅନୁଷ୍ଠାନର ୭୭ଜଣ ସେଫ୍ ଅଂଶଗ୍ରହଣ କରିଥିଲେ ।

# ସମବାୟ କ୍ୟାଡ଼୍‌ର ରୁଲ୍‌ର ସଂଶୋଧନ କରାଯିବ

**ଭୁବନେଶ୍ୱର,୨।୧୦ (ମହାଭାରତ):** ବିଜେଡି ସରକାର ଅମଳରେ ପ୍ୟାକ୍ସ ଓ ଲ୍ୟାମ୍ପସ୍ତରରେ ବ୍ୟାପକ ଦୁର୍ନୀତି ହୋଇଥିଲା। ସେସବୁ ସଂସ୍ଥାରେ ଏବେ ଯେଉଁମାନେ ନନ୍‌କ୍ୟାଡର ସମ୍ପାଦକ କାର୍ଯ୍ୟରତ ଅଛନ୍ତି, ପୂର୍ବର ବିଜେଡି ସରକାର ନୂଆ କ୍ୟାଡର ରୁଲ ପ୍ରଚଳିତ ନ କରିବାରୁ ସେମାନଙ୍କର ବଦଳି ହେଉ ନ ଥିଲା। ଫଳରେ ଦୀର୍ଘଦିନ ଧରି ସମ୍ପୃକ୍ତ ସମ୍ପାଦକମାନେ ଏକାଧିକ ସମବାୟ ସମିତିର ଦାୟିତ୍ୱରେ ରହୁଥିଲେ। ଏଥିଯୋଗୁ ସମିତିରେ ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଚାଲିଥିଲା। ଧୀରେ ଧୀରେ କ୍ୟାଡ଼୍‌ର ସମ୍ପାଦକମାନେ ଅବସର ନେଇଗଲେ ଏବଂ ଯେଉଁ ଅଳ୍ପ କିଛି କ୍ୟାଡ଼୍‌ର ସମ୍ପାଦକ ଥିଲେ ଉପରିସ୍ଥ ବ୍ୟାଙ୍କଗୁଡ଼ିକର କର୍ମଚାରୀ ଅଭାବ କାରଣରୁ ସେମାନଙ୍କୁ ସେସବୁ ସ୍ଥାନରେ ସ୍ଥାନିତ କରାଯାଇଛି। ବାସ୍ତବରେ ବିଜେଡି ଶାସନରେ ପ୍ୟାକ୍ସ ଓ ଲ୍ୟାମ୍ପସଗୁଡିକ ଦୁର୍ନୀତିର ଗନ୍ତା ଘର ସାଜିଥିଲା ବୋଲି ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।



ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାଶ କହିଛନ୍ତି ଯେ, ଆଜିର ଦିନରେ ଓଡ଼ିଶାରେ ପ୍ରତ୍ୟେକ ପଂଚାୟତରେ ସମବାୟ ସମିତି ଗଠନ ହୋଇପାରି ନାହିଁ। ରାଜ୍ୟରେ ସମୁଦାୟ ୨୫୦୦ ପ୍ୟାକ୍ସ ଥିଲାବେଳେ ୨୧୦ଟି ଲ୍ୟାମ୍ପ୍ସ ରହିଛି। ପୂର୍ବ ସରକାର ନୂତନ ଭାବେ ୧୫୪୨ ସମିତି ଖୋଲିଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ବର୍ତ୍ତମାନ ରାଜ୍ୟରେ ୬୭୯୪ ଗ୍ରାମ ପଂଚାୟତ ଥିଲାବେଳେ ଏବେ ବି ଆହୁରି ୨୫୪୨ ପଂଚାୟତରେ ସମବାୟ ସମିତି ଆବଶ୍ୟକ ରହିଛି। କିନ୍ତୁ ପୂର୍ବ ସରକାର ତାହା କରିପାରି ନ ଥିଲେ। ରାଜ୍ୟରେ ବର୍ତ୍ତମାନ ବିଜେପିର ନୂତନ ସରକାର ଏସବୁ ପଂଚାୟତରେ ସମବାୟ ସମିତି ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି ବୋଲି ଶ୍ରୀ ଦାଶ କହିଛନ୍ତି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଦ୍ୱିତୀୟ ପାଳିରେ ସ୍ୱତନ୍ତ୍ର ସମବାୟ ବିଭାଗ ଗଠନ କରାଯାଇ ତାହାର ଦାୟିତ୍ୱ ଅମିତ ଶାହାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏହା ପରଠାରୁ ସମବାୟ ଚଳଚଂଚଳ ହୋଇଉଠିଛି। ପୂର୍ବରୁ ପ୍ରତ୍ୟେକ ସମବାୟ ସମିତିର କମ୍ପ୍ୟୁଟରିକରଣ ଓ ଡାଟାବେସ ପ୍ରସ୍ତୁତି କରିବା ପାଇଁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରିଥିଲେ ମଧ୍ୟ ଓଡ଼ିଶାର ତତ୍କାଳୀନ ବିଜେଡି ସରକାରର ଅନାଗ୍ରହ କାରଣରୁ ଉକ୍ତ କାର୍ଯ୍ୟ ଆଗେଇ ପାରି ନ ଥିଲା। ଓଡ଼ିଶାର ସମବାୟ ସମିତିମାନେ କେବଳ କୃଷି ଋଣ ଓ ଧାନ କିଣା ବ୍ୟତୀତ ଅନ୍ୟ କିଛି କରୁ ନ ଥିଲେ। ଏବେ ମାନନୀୟ ଅମିତ ଶାହାଙ୍କ ନେତୃତ୍ୱରେ ସମବାୟ ସମିତିକୁ ନୂତନ ଦିଶା ଦିଆଯିବା ସଙ୍ଗେସଙ୍ଗେ ତାହାକୁ ବହୁମୁଖୀ ସୁବିଧାଯୁକ୍ତ ସମିତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁଥିପାଇଁ ପଂଚାୟତର ସମବାୟ ସମିତି ଗ୍ରାମ୍ୟ ଅର୍ଥନୀତି ଓ କୃଷକ ପ୍ରଗତିର ପ୍ରାଣକେନ୍ଦ୍ର ହେବାକୁ ଯାଉଛି।

’୨୦୪୭ ସୁଦ୍ଧା ବିକଶିତ ଭାରତ’ ଲକ୍ଷ୍ୟ ପୂରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରରେ ଏବଂ ‘୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା’ ଲକ୍ଷ୍ୟ ପୂରଣ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀମୋହନ ଚରଣ ମାଝି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ଲକ୍ଷ୍ୟ ପୂରଣରେ ପଂଚାୟତସ୍ତରରେ ସମବାୟ ସମିତି ଏକ ବିଶେଷ ଭୂମିକା ନେବ। ଏହା ଗ୍ରାମାଂଚଳର ଅର୍ଥନୀତିକୁ ସୁଦୃଢ଼ କରିବ। ଏଥିପାଇଁ ଓଡିଶାରେ ଡବଲ ଇଂଜିନ ସରକାର ପ୍ରତିବଦ୍ଧତା ସହ କାର୍ଯ୍ୟ ଆରମ୍ଭ କରିଛନ୍ତି। କେନ୍ଦ୍ରରେ ସମବାୟ ବିଭାଗର ଦାୟିତ୍ୱ ନେବା ପରେ ଗୃହ ମନ୍ତ୍ରୀ ଅମିତ୍ ଶାହାଙ୍କ ‘ସମବାୟରୁ ସମୃଦ୍ଧି’ ଆହ୍ୱାନ ଗ୍ରାମ୍ୟ ଅର୍ଥନୀତି ଓ କୃଷକର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ

**ଭୁବନେଶ୍ୱର,୨।୧୦ (ମହାଭାରତ):** ସରକାରୀ ଓ ପ୍ରଶାସନିକ ସ୍ତରରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଦୁର୍ନୀତି ନ କରିବାକୁ ଶପଥ ପାଠ କରୁଥିବା ଅନେକ ପ୍ରଶାସନିକ ଅଧିକାରୀ ଲାଂଚ ଗ୍ରହଣ ବେଳେ ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା ଗିରଫ ହେବା, ଆୟବର୍ହିଭୂତ ସମ୍ପତି ସେମାନଙ୍କ ଘରୁ ଜବତ ହେବା ଦୈନନ୍ଦିନ ଘଟଣାରେ ପରିଣତ ହୋଇଛି। ଠିକ୍ ସେହିଭଳି ବରିଷ୍ଠ ନାଗରିକ ବୃନ୍ଦ ସମାଜର ମାର୍ଗଦର୍ଶକ ଏବଂ ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା, ପ୍ରଶାସନ ଅଧିକାରୀଙ୍କ କର୍ତ୍ତବ୍ୟ ବୋଲି କେବଳ ପ୍ରଚାର କରାଯାଉଥିବା ବେଳେ ବାସ୍ତବରେ ସରକାରୀ କାର୍ଯ୍ୟାଳୟରେ ଚୌକିଟିଏ ଥିବା ସତ୍ତ୍ୱେ ଅଭାବ, ଅସୁବିଧା ଓ ଅଭିଯୋଗକୁ ନେଇ ଯାଉଥିବା ବରିଷ୍ଠ ନାଗରିକଙ୍କୁ ବସିବା ପାଇଁ କେହି କହିବା ଏବଂ ସାଧାରଣ ଭଦ୍ରାମି ପ୍ରଦର୍ଶନ କରିବା ଦେଖାଯାଉନାହିଁ ବୋଲି ବରିଷ୍ଠ ନାଗରିକ ମଂଚ ଖୋର୍ଦ୍ଧାର ସାଧାରଣ ପରିଷଦ ବୈଠକରେ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବରିଷ୍ଠ ନାଗରିକମାନଙ୍କର ସମସ୍ୟାର ସମାଧାନ ଦିଗରେ ଦେଖାଦେଇଥିବା ଉଦାସୀନତା ମନୋବୃତ୍ତିକୁ ବୈଠକରେ ନିନ୍ଦା କରାଯାଇଥିଲା।



ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର କଲ୍ୟାଣ ମଣ୍ଡପରେ ଦେବ ପ୍ରସାଦ ମଜୁମ୍‌ଦାରଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିଧାନ ଚନ୍ଦ୍ର ମହାନ୍ତି, ଭୀମସେନ ପ୍ରଧାନ, ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଉପସଭାପତି ଅଖିଳ ଚନ୍ଦ୍ର ପ୍ରଧାନ, ହାଜି ନସିମ୍ ଉଦ୍ଦିନ୍ ଖାଁ, ବିପ୍ରଚରଣ ବେହେରା, ଯୁଗ୍ମ ସମ୍ପାଦକ ବସନ୍ତ କୁମାର ଦାଶ ମଂଚାସିନ ଥିଲେ। ବରିଷ୍ଠ ସଦସ୍ୟ ପୂର୍ବତନ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ସମ୍ମାନୀତ ବକ୍ତା ରୂପେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ବୃନ୍ଦ ସେମାନଙ୍କର ଜୀବନ କାଳ ମଧ୍ୟରେ କରିଥିବା ସାମାଜିକ ସେବା ନିମନ୍ତେ ସେମାନଙ୍କୁ ଅଭିନନ୍ଦନ ଓ ଆନ୍ତରିକତା କୃତଜ୍ଞତା ଜ୍ଞାପନ କରିବା, ବୟସର ଅଭିଜ୍ଞତାକୁ ବିଚାର କରି ସେମାନଙ୍କଠାରୁ ପରାମର୍ଶ ନେବା ସହିତ ସେମାନଙ୍କୁ ସମାଜରେ ଯଥାଯୋଗ୍ୟ ସମ୍ମାନ ପ୍ରଦାନ କରିବା ଉଚିତ୍ ବୋଲି ବକ୍ତାମାନେ ମତ ଦେଇଥିଲେ।

ବୈଠକରେ ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ, ସତ୍ୟବ୍ରତ ଦାସ, କୃଷ୍ଣଚନ୍ଦ୍ର ସାହୁ, ବିପିନ ବିହାରୀ ମିଶ୍ର, କୃଷ୍ଣ ଚନ୍ଦ୍ର ହରିଚନ୍ଦନ, ଡ଼. ପ୍ରମୋଦ ଚନ୍ଦ୍ର ଦାଶ, ରତ୍ନାକର ରଣସିଂହ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କ୍ଷେତ୍ରବାସୀ ସାହୁ, ନବ କିଶୋର ମହାପାତ୍ର, ରବିନାରାୟଣ ସେନାପତି, ବଦ୍ରି ନାରାୟଣ ସାହୁ, ସୁରେନ୍ଦ୍ର ପଟ୍ଟନାୟକ, ହେମନ୍ତ କୁମାର ମିଶ୍ର, ଶତ୍ରୁଘ୍ନ ବିଶୋଇ, ସୁବାସ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ।

# ପୂର୍ବତଟ ରେଳପଥର ସ୍ୱଚ୍ଛତା ପକ୍ଷ ପାଳନ

**ଭୁବନେଶ୍ୱର,୨।୧୦ (ମହାଭାରତ):** ପୂର୍ବତଟ ରେଳପଥ ଏହାର ଅଧୀନରେ ଥିବା ରେଳ ଷ୍ଟେସନ୍, ଟ୍ରେନ୍, ଅଫିସ୍, କର୍ମଶାଳା, ରକ୍ଷଣାବେକ୍ଷଣ ଡିପୋ, ଡାକ୍ତରଖାନା ଏବଂ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ଉପରେ ଧ୍ୟାନ ଦେଇ ଏକ ୧୫ ଦିନର ସ୍ୱଚ୍ଛତା ପକ୍ଷ ଆରମ୍ଭ କରିଛି। ଏହି ବିଶାଳ ସ୍ୱଚ୍ଛତା ଅଭିଯାନ ସଚେତନତା ସୃଷ୍ଟି କରିବା ଏବଂ ଏକ ସ୍ୱଚ୍ଛ ଏବଂ ସବୁଜ ଭାରତ ବଜାୟ ରଖିବା ଦିଗରେ ସାମୂହିକ କାର୍ଯ୍ୟକୁ ପ୍ରେରଣା ଯୋଗାଇବା ପାଇଁ ସମର୍ପିତ କରାଯାଉଛି।




ସ୍ୱଚ୍ଛତା ପକ୍ଷ୍ୟର ଉଦଘାଟନୀ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କୁ ସ୍ୱଚ୍ଛତା ପକ୍ଷର ଶପଥ ପାଠ କରାଇଛନ୍ତି। ସ୍ୱଚ୍ଛତା ବଜାୟ ରଖିବାରେ ବ୍ୟକ୍ତିଗତ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ବେଳେ କର୍ମଚାରୀମାନେ ସେମାନଙ୍କ ଘର, କର୍ମସ୍ଥଳୀକୁ ପରିଷ୍କାର ରଖିବା ପାଇଁ ଶପଥ ନେଇଥିଲେ। ସାଧାରଣ ଜନତାଙ୍କୁ ଏହି ଅଭିଯାନରେ ସାମିଲ କରାଇବା ପାଇଁ ମଧ୍ୟ ଶପଥ କରାଇଥିଲେ।

ଏହାପୂର୍ବରୁ, ୧୪ ସେପ୍ଟେମ୍ବରରୁ ୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ, ପୂର୍ବତଟ ରେଳପଥ ସ୍ୱଭା ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ବିଷୟବସ୍ତୁ ଆଧାରରେ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ କରିଥିଲା ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ସ୍ୱଚ୍ଛ ଭାରତ ଦିବସ ଭାବରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିବସ ୨ ଅକ୍ଟୋବର ୨୦୨୪ ରେ ପାଳନ କରାଯିବ।

# ଧନେଶ୍ୱର ରଥଙ୍କର ସ୍ମୃତି ସମାରୋହ

**ଭୁବନେଶ୍ୱର,୨।୧୦ (ମହାଭାରତ):** କଟକ ସାରସ୍ୱତପୀଠ ସାରଳାଭବନରେ ଧନେଶ୍ୱର ରଥ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସମାଜସେବୀ ଓ ଶିକ୍ଷାବିତ୍ ଧନେଶ୍ୱର ରଥଙ୍କ ସ୍ମୃତିରେ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଡକ୍ଟର ଜଷ୍ଟିସ ମଦନମୋହନ ଦାସ ଉଦଘାଟନ କରିଥିଲେ। ସ୍ମୃତି ସଂସଦର ସଭାପତି ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପୋଲିସ୍ ମହାନିର୍ଦ୍ଦେଶକ ଓ ଖ୍ୟାତନାମା ସାହିତ୍ୟିକ ବିପିନ ବିହାରୀ ମିଶ୍ର, ମୁଖ୍ୟବକ୍ତା ଭାବେ ତିରୁପତି କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର୍ ଡକ୍ଟର ହରେକୃଷ୍ଣ ଶତପଥୀ, ସମ୍ମାନିତ ବକ୍ତା ଭାବେ ସୁ-ସାହିତ୍ୟିକ ଡକ୍ଟର ଭାଗବତ ଶୁକ୍ଳ ଯୋଗ ଦେଇଥିଲେ। ଏହି ଅବସରରେ ଛଅଜଣ ବିଶିଷ୍ଟ ଶିକ୍ଷାବିତ୍ - ପ୍ରଫେସର୍ ଚିନ୍ମୟୀ ମହାପାତ୍ର, ଡକ୍ଟର ସଂଘମିତ୍ରା ବେହେରା, ଡକ୍ଟର ବିରଞ୍ଚି କୁମାର ସାହୁ, ସୁଧାଂଶୁବାଳା ଦେବୀ, ଗଙ୍ଗୋତ୍ରୀ ରଥ, ମହେନ୍ଦ୍ରକୁମାର ଘଡ଼େଇଙ୍କୁ ମର୍ଯ୍ୟାଦାଜନକ ‘ଧନେଶ୍ୱର ରଥ ଶିକ୍ଷାବିତ୍’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦଘାଟକ ଜଷ୍ଟିସ ଦାସ କହିଲେ, ବୈଷୟିକ ଶିକ୍ଷାକୁ ଏକ ନୂତନ ଦିଶା ଦେବାରେ ଧନେଶ୍ୱର ରଥଙ୍କ ଅବଦାନ ଅବିସ୍ମରଣୀୟ। ସେ ମଧ୍ୟ କହିଲେ, ଧନେଶ୍ୱରବାବୁ ଜଣେ ସମାଜସେବୀ ଓ ଦରଦୀ ମଣିଷ ଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର କହିଲେ, ଡ୍ରିମସ୍ ଭଳି ଏକ ବିଶାଳ ଅନୁଷ୍ଠାନ ଗଠନ କରି ବୈଷୟିକ ଶିକ୍ଷାର ବିକାଶ ଓ ଉନ୍ନତିସାଧନରେ ଧନେଶ୍ୱର ରଥ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ସେ ମଧ୍ୟ ଦୁଃଖୀରଙ୍କିଙ୍କ ବନ୍ଧୁ ଥିଲେ। ମୁଖ୍ୟବକ୍ତା ପ୍ରଫେସର୍ ଶତପଥୀ କହିଲେ, ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଜାତୀୟ-ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ୍ୟ କରିବାରେ ଧନେଶ୍ୱର ରଥ ଥିଲେ ସମର୍ପିତ ମଣିଷ। ସେ ଡ୍ରିମସ୍ ବିଶ୍ୱ ବିଦ୍ୟାଳୟକୁ ଏକ ଆଦର୍ଶ ବିଶ୍ୱ ବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ସମ୍ମାନିତ ବକ୍ତା ଡକ୍ଟର ଶୁକ୍ଳ ଧନେଶ୍ୱରଙ୍କ ଜୀବନାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବର ସଭାପତି ଡକ୍ଟର ସ୍ୱାଇଁ ତାଙ୍କର ଅଭିଭାଷଣରେ ଧନେଶ୍ୱରଙ୍କୁ ଭାରତୀୟ ଶିକ୍ଷାଜଗତର କିମ୍ବଦନ୍ତୀ ପୁରୁଷ ଭାବରେ ଅଭିହିତ କରିବା ସହିତ ତାଙ୍କ ପ୍ରତିଷ୍ଠିତ ଡ୍ରିମସ୍ ଅନୁଷ୍ଠାନ ଆମ ଓଡ଼ିଶାର ଗର୍ବ ଗୌରବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରିମସ୍‌ର ନିର୍ଦ୍ଦେଶକ ଜାମାତା ବଳରାମ କର ଏବଂ ପୁତ୍ର ପ୍ରଦୀପ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦର ସମ୍ପାଦକ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ମହାତ୍ମା ପୁରସ୍କାର ପ୍ରଦାନ

**ଭୁବନେଶ୍ୱର,୨।୧୦ (ମହାଭାରତ):** ଶିକ୍ଷାବିତ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ମହାତ୍ମା ପୁରସ୍କାର ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀଠାରେ ବିର୍ଲା ଗ୍ରୁପ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ମହାତ୍ମା ପୁରସ୍କାର ପ୍ରଦାନ କରାଯାଇଛି।

ପ୍ରତିବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥାଏ ମହାତ୍ମା ପୁରସ୍କାର। ଏହି ଅବସରରେ ଗାନ୍ଧୀ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭାରତର ବିଶିଷ୍ଟ ସିଏସଆର୍ ମ୍ୟାନ କୁହାଯାଉଥିବା ଅମିତ ସଚଦେବାଙ୍କ ଉଦ୍ୟମରେ ଏହି ମହାତ୍ମା ସମ୍ମାନ ଆରମ୍ଭ କରାଯାଇଥିଲା। ସମାଜର ବିକାଶମୂଳକ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ୨୦୧୬ରୁ ଦିଆଯାଇ ଆସୁଥିବା ଏହି ସମ୍ମାନ ରତନ ଟାଟା, ଅଜିମ ପ୍ରେମଜୀ, ବିନ୍ଦେଶ୍ୱର ପାଠକ, ସବାନା ଆଜମୀଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନକୁ ପ୍ରଦାନ କରାଯାଇଛି।




ଏହି ସମ୍ମାନ ପ୍ରଦାନ ପାଇଁ ଏକ ଚୟନ କମିଟି ରହିଛି। ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଦୀର୍ଘ ୩୩ ବର୍ଷ ଧରି ଅଚ୍ୟୁତ ସାମନ୍ତ ଶିକ୍ଷା ଓ ସମାଜସେବାରେ ନିଜକୁ ନିୟୋଜିତ କରିଆସିଛନ୍ତି। ଜନଜାତି ଓ ସମାଜର ଅବହେଳିତ ବର୍ଗଙ୍କ ବିକାଶ ତଥା ସମାଜରେ ଅସମାନତା ଦୂର ନେଇ ମହାତ୍ମା ଗାନ୍ଧୀଙ୍କ ଯେଉଁ କାର୍ଯ୍ୟଧାରା ଥିଲା କିସ୍ ଜରିଆରେ ଶ୍ରୀ ସାମନ୍ତ ସେହି କାର୍ଯ୍ୟକୁ ଗତ ତିନି ଦଶନ୍ଧୀ ଧରି ତ୍ୱରାନ୍ୱିତ କରିଆସୁଛନ୍ତି। ତାଙ୍କର ଏହି ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ପାଇଁ ତାଙ୍କୁ ଆଜି ମହାତ୍ମା ସମ୍ମାନ ପ୍ରଦାନ କରାଯାଇଛି। ଆଜି ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଓ ଲେଖକ ସୁଧା ମୂର୍ତ୍ତି, ଓଡ଼ିଶୀ ଓ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଓ ଗୁରୁ ସୋନାଲ ମାନସିଂହଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରାଜଶ୍ରୀ ବିର୍ଲା ଓ ପୁଡୁଚେରୀର ପ୍ରାକ୍ତନ ଲ୍ୟୁଟନାଣ୍ଟ ଗଭର୍ଣ୍ଣର କିରଣ ବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସିଏସଆର୍ ଗୁଡ଼ ବୁକ୍ ସମ୍ପାଦକ ତଥା ମହାତ୍ମା ଆୱାର୍ଡ ନିର୍ଦ୍ଦେଶକ ମୁଗଧା ଆରୋରା ଏବଂ ଆୟୋଜକ କମିଟିକୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ମାନକୁ ଶ୍ରୀ ସାମନ୍ତ କିଟ୍ ଓ କିସ୍ ପରିବାରକୁ ଉତ୍ସର୍ଗ କରିଛନ୍ତି।









## ସୁପ୍ରିମକୋର୍ଟଙ୍କ କ୍ଷୋଭ

ଜଣେ ଅଭିଯୁକ୍ତର ଘର ଭାଙ୍ଗିବା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ଏପରିକି ଅଭିଯୁକ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ, ସେ ଯେତେ ଜଘନ୍ୟ ଅପରାଧରେ ସମ୍ପୃକ୍ତ ଥିଲେ ମଧ୍ୟ ତାଙ୍କ ଘର ଭାଙ୍ଗିବାର ଅଧିକାର ପ୍ରଶାସନର ନାହିଁ। କାରଣ ସେହି ଘରେ ଅନ୍ୟ ଲୋକ ବିଶେଷ କରି ମହିଳାଳ ଶିଶୁ ଏବଂ ବରିଷ୍ଠ ନାଗରିକ ରହିଥାଇପାରନ୍ତି। ସେମାନଙ୍କର କ'ଣ ଦୋଷ ? ଜଣେ ଅପରାଧ କରିବ, ଆଉ ୫ ଜଣ ଦଣ୍ଡ ପାଇବେ ସେ କଥା କେଉଁ ସମ୍ବିଧାନରେ ଉଲ୍ଲେଖ ଅଛି ? ହତ୍ୟା ଅପରାଧରେ ଯିଏ ଫାଶୀ ପାଉଛି, ତାଙ୍କ ପରିବାରର ଅନ୍ୟ ଲୋକଙ୍କର ବଂଚିବାର ଅଧିକାର ରହିଛି। ଏହାକୁ କେହି ଛଡ଼ାଇ ନେଇପାରିବେ ନାହିଁ। ଏହା ମାନବାଧିକାର ଉଲ୍ଲଘଂନର ବଡ଼ ଉଦାହରଣ। ବିଗତ କିଛି ବର୍ଷ ହେବ ୟୁପି, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟରେ ଏଭଳି ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁଛି। ଅପରାଧିଙ୍କ ବିଚାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପ୍ରଥମ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କ ଘର ଭାଙ୍ଗି ଦିଆଯାଉଛି। ସାଧାରଣ ଲୋକେ ଏହାକୁ ସ୍ୱାଗତ କରୁଛନ୍ତି। କିନ୍ତୁ ଏହା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ମିଛ ଏନକାଉଣ୍ଟରରେ ଅପରାଧୀଙ୍କୁ ମାରିବା ଯାହା ଘର ଭାଙ୍ଗିବା ତାହା। ଆମ ଆଇନ ବ୍ୟବସ୍ଥାରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟରେ ତାଙ୍କ ପକ୍ଷ ରଖିବାକୁ ପୁରା ସୁଯୋଗ ଦିଆଯାଇଥାଏ। ସେଥିପାଇଁ କସବକୁ ଅଦାଲତରେ ନିଜ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା। କାରଣ ଭାରତୀୟ ଆଇନର ମୂଳଭିତ୍ତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇଯାଆନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ। ତେଣୁ ଅଦାଲତରେ ବିଚାର ବେଳେ ବିଚାରପତି ସବୁ ବେଳେ ଦେଖନ୍ତି କାଳେ କେହି ନିର୍ଦ୍ଦୋଷ ଯେପରି ଦଣ୍ଡ ନପାଉ। ସେଥିପାଇଁ ଅନେକ ସମୟରେ ଅଦାଲତ ସାମାନ୍ୟତମ ସନ୍ଦେହ ବା ବେନିଫିଟ ଅଫ ଡାଉଟରେ ଅଭିଯୁକ୍ତଙ୍କୁ ଖଲାସ କରି ଦିଅନ୍ତି। ସେଠାରେ କେତେକ ବ୍ୟକ୍ତି ଆମ ଆଇନ ବ୍ୟବସ୍ଥାରେ ତ୍ରୁଟି ରହିଛି ବୋଲି କହନ୍ତି। ସେ କଥା କେତେକାଂଶରେ ସତ, ମାତ୍ର ତା ଅର୍ଥ ନୁହେଁ ଯେ, ଭଲଭାବେ ବିଚାର ନକରି ବା ତର୍ଜମା ନକରି ଜଣେ ଅଭିଯୁକ୍ତକୁ ଦଣ୍ଡିତ କରିବା। ଅନେକ ସମୟରେ ଲୋକେ ଅପରାଧୀଙ୍କୁ ଏନକାଉଣ୍ଟର ବା ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରନ୍ତି। ଏହାର କାରଣ ହେଲା ସେମାନେ ଭାବନ୍ତି ପ୍ରଚଳିତ ଆଇନ ବ୍ୟବସ୍ଥାରେ ଅପରାଧୀଙ୍କୁ ଦଣ୍ଡ ମିଳିବା ଆଶା କମ ଅଥବା ସେମାନେ ଆଇନର ଗଳାବାଟରେ କସିଯିବେ। କିମ୍ବା ଦଣ୍ଡ ବିଧାନ ଲାଗି ଅନେକ ବର୍ଷ ଲାଗିଯିବ। ଏଭଳି ଚିନ୍ତାର ଯଥାର୍ଥତା ରହିଛି। ସାଧାରଣ ଜନତା ଅପରାଧୀଙ୍କ ପ୍ରତି ତୁରନ୍ତ ଦଣ୍ଡ ବିଧାନ ଆଶା କରନ୍ତି। ଯେତେବେଳେ ତୁରନ୍ତ ଦଣ୍ଡ ବିଧାନ ଆଶା କ୍ଷୀଣ ହୋଇଯାଏ ସେତେବେଳେ ସେମାନେ ତତ୍କାଳ ନ୍ୟାୟ ପାଇଁ ଏଭଳି ଏନକାଉଣ୍ଟର ବା ବୁଲଡୋଜର ଆକ୍ସନକୁ ସ୍ୱାଗତ କରନ୍ତି। ଏହା ନ୍ୟାୟ ସଙ୍ଗତ ନୁହେଁ, ଏକଥା ସେମାନେ ବୁଝନ୍ତି ନାହିଁ। ଏଥିପାଇଁ ସାଧାରଣ ଲୋକଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ଯଦି ସରକାର ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ପଦକ୍ଷେପ ନିଅନ୍ତେ ଏବଂ ଅଧିକରୁ ଅଧିକ ଫାଷ୍ଟଟ୍ରାକ କୋର୍ଟ ପ୍ରତିଷ୍ଠା କରି ଜଘନ୍ୟ ଅପରାଧିଙ୍କ ପ୍ରତି ସଠିକ ସମୟରେ ଦଣ୍ଡବିଧାନ ବ୍ୟବସ୍ଥା କରନ୍ତେ ତେବେ ହୁଏତ ଏଭଳି ବୁଲଡୋଜର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ପଡ଼ାନ୍ତା ନାହିଁ। ସୁପ୍ରିମକୋର୍ଟଙ୍କ କ୍ଷୋଭ ପ୍ରକାଶ ପରେ ହୁଏତ ବୁଲଡୋଜର କାର୍ଯ୍ୟାନୁଷ୍ଠାନରେ ରୋକ ଲାଗିପାରେ। ଏହାକୁ ରୋକିବା ପାଇଁ ଆବଶ୍ୟକ ପଡ଼ିଲେ ଆଇନ ପ୍ରଣୟନ ହେଉ।

# ୧୦୮ର ମହାତ୍ମ୍ୟ

॥ ରଜତ କୁମାର ବୋଷ ॥

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ।

ଗୌଡ଼ିୟ ବୈଷ୍ଣବ ମତରେ ବୃନ୍ଦାବନରେ ୧୦୮ଜଣ ଗୋପୀ ଥିଲେ। ତେଣୁ ଜପମାଳାର ମାଳି ସଂଖ୍ୟା ୧୦୮ ହେବା ଉଚିତ। ବୈଷ୍ଣବ ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ୧୦୮ଟି ନିବାସ ରହିଛି। ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର ଭାବରେ ଖ୍ୟାତ କାମ୍ବୋଡ଼ିଆର ଆଙ୍ଗକୋର ୱାଟ ମନ୍ଦିରରେ ୫୪ଜଣ ଦେବତା ଓ ୫୪ ଜଣ ଅସୁର ସର୍ପକୁ ଦୁଇ ପାର୍ଶ୍ୱରୁ ଧରି ସମୁଦ୍ର ମନ୍ଥନ କରୁଥିବାର ମୂର୍ତ୍ତି ରହିଛି। ଆଙ୍ଗକୋର ଥୋମ୍‌ର ଦୁର୍ଗିକୃତ ମନ୍ଦିରର ୫ଟି ପ୍ରବେଶ ପଥରେ ଫାଟକର ବାମ ପାର୍ଶ୍ୱରେ୫୪ ଜଣ ଦେବତା ଓ ଡାହାଣ ପାର୍ଶ୍ୱରେ ୫୪ଜଣ ଅସୁରଙ୍କର ମୂର୍ତ୍ତି ରହିଛି। ତିବ୍ବତିୟ ବୌଦ୍ଧମାନେ ଜପମାଳିରେ ୧୦୮ଟି ମାଳି ବ୍ୟବହାର କରନ୍ତି। ତିବ୍ବତୀୟ ଭାଷାରେ ବୁଦ୍ଧଙ୍କ ୧୦୮ ବାଣୀର ପ୍ରତୀକ ଭାବରେ ବିବେଚନା କରାଯାଏ ଏହାକୁ। ଜେନ୍ ବୌଦ୍ଧ ସନ୍ନ୍ୟାସୀମାନେ ସେମାନଙ୍କ କଟଟିରେ ପିନ୍ଧୁଥିବା ଜପମାଳି ଜୁଜୁରେ ୧୦୮ଟି ମାଳି ଥାଏ। ବୌଦ୍ଧ ଧର୍ମର ଲଙ୍କାବତାର ସୂତ୍ରରେ ବୋଧିସତ୍ତ୍ୱ ମହାମତି ବୁଦ୍ଧଙ୍କୁ ୧୦୮ଟି ପ୍ରଶ୍ନ ପଚାରିଥିବା ଉଲ୍ଲେଖ ଅଛି। ଅନେକ ବୌଦ୍ଧ ମନ୍ଦିରରେ ୧୦୮ଟି ପାହାଚ ରହିଛି। କେତେକ ବୌଦ୍ଧ ଗୋଷ୍ଠିର ମତ ଅନୁଯାୟୀ ମନୁଷ୍ୟର ୧୦୮ଟି ଭାବନା ଅଛି। ଜାପାନରେ ବର୍ଷ ଶେଷରେ ବୌଦ୍ଧ ମନ୍ଦିରରେ ଗୋଟିଏ ଘଣ୍ଟି ୧୦୮ ଥର ବଜାଯାଇ ପୁରାତନ ବର୍ଷକୁ ବିଦାୟ ଦେଇ ନବବର୍ଷକୁ ସ୍ୱାଗତ କରାଯାଏ। ପ୍ରତ୍ୟେକଟି ଘଣ୍ଟିର ଶବ୍ଦ ମନୁଷ୍ୟର ୧୦୮ଟି ବାସନାର ନିବାରଣ ପାଇଁ। ଏସବୁ ବାସନା ନିବାରଣ ଦ୍ୱାରା ମନୁଷ୍ୟ ନିର୍ବାଣ ପ୍ରାପ୍ତ ହୋଇପାରେ। ଇହୁଦିମାନେ ଉପହାର ଓ ଦାନ ଅର୍ଥ ୧୦୮ରୁ ଗୁଣକ ଭାବରେ ଦିଅନ୍ତୁ। ୧୦୮କୁ ହବ୍ରୁ ଭାଷାରେ କୁହାଯାଏ ଚାଲ। ଏହାର ଅର୍ଥ ଜୀବନ।

ଆଦ୍ୟ ପ୍ରାଚୀନ ଖ୍ରୀଷ୍ଟିୟାନ ମତବାଦ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅହଙ୍କାର ତ୍ୟାଗ କରିବା ପାଇଁ ପ୍ରକୃତି ୧୦୮ଥର ସୁଯୋଗ ଦିଏ। ଏହା ନହୋଇପାରିଲେ ସେ ଏହି ପ୍ରାର୍ଥିବ ଜଗତ ଛାଡ଼ିବା ପୂର୍ବରୁ ଏହି ଅହଂ ପ୍ରକୃତିର ଜୋର ରକି ଛଡ଼ାଇ ନିଏ। ପୂର୍ବ ଏସିଆର ଅଧିକାଂଶ ସମର କଳା ବୌଦ୍ଧ ଧର୍ମ ବିଶେଷ କରି ଶାଓଲିନ୍ ବୌଦ୍ଧ ମଠ ସହ ସମ୍ପର୍କିତ। ବୌଦ୍ଧଧର୍ମ ସହ ସଂଯୁକ୍ତ ଥିବାରୁ ଅଧିକାଂଶ ସାମରିକ କ୍ରୀଡ଼ା ବା ସମର କଳାଗୁଡ଼ିକରେ ୧୦୮ଟି ଭିନ୍ନ ଭିନ୍ନ ଶୈଳୀ ଥାଏ। ମର୍ମ ଆଦି ଓ ଆୟୁର୍ବେଦ ଅନୁଯାୟୀ ପ୍ରତ୍ୟେକ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଏହି ପଏଣ୍ଟ ସବୁରେ ଚେତନା ଓ ରକ୍ତ-ମାଂସର ମିଳନ ଘଟି ମନୁଷ୍ୟକୁ ଜୀବନ୍ତ ଦେଇଛି। ଚୀନା ଓ ଦକ୍ଷିଣ ଭାରତୀୟ ସମର କଳା ଅନୁଯାୟୀ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଜାପାନୀ ସମର କଳା ଗୋଜୁ-ର୍‍ୟୁ କରାଟେରେ ୧୦୮ଟି ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ ଶୈଳୀ ଅଛି। ସେହିପରି ୟାଙ୍ଗ ତେଜିକ୍ୱାନ ସମର କଳାରେ ୧୦୮ଟି ଚାଲ ଅଛି। ଇଗଲ କ୍ଲ କୁଙ୍ଗ ଫୁ ସମର କଳାରେ ପଞ୍ଝ ଲଢ଼େଇର ୧୦୮ଟି କୌଶଳ ଅଛି। ଏହି କୌଶଳଗୁଡ଼ିକ ଉପରୋକ୍ତ ପଞ୍ଝା ଲଢ଼େଇର ବିଶେଷତ୍ୱ।

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପାମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ। ଏହାକୁ ନକ୍ଷତ୍ର କୁହାଯାଏ। ପ୍ରତି ନକ୍ଷତ୍ରକୁ ଚାରୋଟି ଭାଗ ବା ଚାରୋଟି ପଦରେ ବିଭକ୍ତ କରାଯାଏ। ଏହି ୨୭ ଢ ୪ = ୧୦୮ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ୧୦୮ଟି ପଦ ସହ ସମାନ। ପ୍ରତ୍ୟେକ ପଦ ଗୋଟିଏ ଗୋଟିଏ ଆଶୀର୍ବାଦ ସହ ଜଡ଼ିତ। ଜପମାଳାର ଆରମ୍ଭ ବା ମୁଖ୍ୟ ମାଳିକୁ କୁହାଯାଏ କୃଷ୍ଣ। ବିଶ୍ୱାସ କରାଯାଏ କୃଷ୍ଣଙ୍କର ୧୦୮ଜଣ ଶ୍ରେଷ୍ଠ ଅନୁଚର ଅଛନ୍ତି। ସେମାନେ ସର୍ବଦା କୃଷ୍ଣ ନାମ କରୁଥାନ୍ତି। ତେଣୁ ଜପମାଳାର କୃଷ୍ଣମାଳିରେ ଜପ କରାଯାଏ ନାହିଁ। ପୃଥିବୀଠାରୁ ସୂର୍ଯ୍ୟର ଦୂରତା ପ୍ରାୟ ୧୦୮ (୧୦୭.୫୧)ଗୁଣ। ପୃଥିବୀ ଠାରୁ ଚନ୍ଦ୍ରଙ୍କ ଦୂରତା ଚନ୍ଦ୍ରଙ୍କ ବ୍ୟାସର ୧୦୮ଗୁଣ। ଏଥିସହ ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସର ପ୍ରାୟ ୧୦୮ଗୁଣ। ବୋଧହୁଏ ଏହି କାରଣରୁ ପୁରାତନ ମୁନିଋଷିମାନେ ୧୦୮ ସଂଖ୍ୟାକୁ ଏତେ ଗୁରୁତ୍ୱ ଦେଇଛନ୍ତି। ଯେମିତି ଆମ ସୌରଜଗତରେ ସୂର୍ଯ୍ୟ ଚନ୍ଦ୍ରଙ୍କ ୧୦୮ଟି ପାଦ ଗତି ଅଛି ସେମିତି ଆମ ଅନ୍ତର ଭିତରେ ଥିବା ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ୧୦୮ ସଂଖ୍ୟାର ଗୁରୁତ୍ୱ ରହିଛି। ୟୁରୋପୀୟ ଓ ମଧ୍ୟପ୍ରାଚ୍ୟର ଧାର୍ମିକ ବିଶ୍ୱାସ ଅନୁଯାୟୀ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ମାତ୍ର ୬୦୦୦ ବର୍ଷ ତଳର କଥା। କିନ୍ତୁ ଭାରତୀୟ ବେଦ ଉପନିଷଦ ଅନୁଯାୟୀ ଆମର ବର୍ତ୍ତମାନର ବ୍ରହ୍ମାଣ୍ଡ କୋଟି କୋଟି ପୁରାତନ। ଏମିତି କେତେ ବିଶ୍ୱ ସୃଷ୍ଟି ହୋଇଛି ଓ ସମୟ କ୍ରମେ ଧ୍ୱଂସ ହୋଇ ମହାଆକାଶ ମଧ୍ୟରେ ଲୀନ ହୋଇଯାଇଛି। ପୁରାତନ ଅନୁଯାୟୀ ଆମର ବର୍ତ୍ତମାନର ସୌରଜଗତ କ୍ଷୀରସାଗରରୁ ଉଦ୍ଭବ ହୋଇଛି। ପୁରାଣର ବର୍ଣ୍ଣନା ଅନୁଯାୟୀ ଆମ ସୌରଜଗତ କ୍ଷୀର ସାଗର ମଧ୍ୟରୁ ଉଦ୍ଭବ। ସ୍ରଷ୍ଟାଙ୍କ ଇଛାନୁସାରେ ଅନନ୍ତ ଅସୀମ ବିଷ୍ଣୁ ଭଗବାନଙ୍କ ନାଭିରୁ ଏକ କମଳ ପୁଷ୍ପ ବାହାରି ମହାଶୂନ୍ୟ ଆଡ଼କୁ ଗଲା। ଏହାକୁ ହିରଣ୍ୟଗର୍ଭ ବୋଲି କୁହାଯାଏ। ଏଥିରୁ କ୍ରମଶ ଆମ ପୃଥିବୀ ସୃଷ୍ଟି ହେଲା। ଶାସ୍ତ୍ରମତ ଅନୁଯାୟୀ ସୃଷ୍ଟି ହେବାର ନିୟୁତ ନିୟୁତ ବର୍ଷ ପରେ ଯେତେବେଳେ ସୂର୍ଯ୍ୟର ଆକାର ଆହୁରି ବଡ଼ ହୋଇଯିବ ସେତେବେଳେ ଏହା ସମଗ୍ର ପୃଥିବୀର ଜୀବସତ୍ତାକୁ ଗ୍ରାସ କରିବ। ମହାଜାଗତିକ ବାୟୁ ଭସ୍ମୀଭୂତ ଭୂ-ଲୋକର ଭସ୍ମକୁ ମହାକାଶକୁ ଉଡାଇ ନେବ। ବର୍ତ୍ତମାନ ବିଜ୍ଞାନ ମଧ୍ୟ ଠିକ୍ ସେୟା କହୁଛି।

ଭାରତୀୟ ପରମ୍ପରାରେ ସୂର୍ଯ୍ୟ ସିଦ୍ଧାନ୍ତ ସର୍ବପୁରାତନ ଜ୍ୟୋତିଷ ଶାସ୍ତ୍ର। ଏହା ପଞ୍ଚମ-ଷଷ୍ଠ ଶତାବ୍ଦୀର ସୃଷ୍ଟି ବୋଲି ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ। ସୂର୍ଯ୍ୟ ସିଦ୍ଧାନ୍ତରେ ଉଲ୍ଲେଖ ଅଛି ପୃଥିବୀ ଗୋଲକରେ ଭାରତ ଯେଉଁ ସ୍ଥାନରେ ଅଛି ତାର ଠିକ୍ ବିପରୀତରେ ଏକ ମହାନ ସହର ଅଛି। ଭାରତରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେଠାରେ ଠିକ୍ ସେତିକିବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି। ଏହି ସହରରେ ଜ୍ଞାନୀଗୁଣୀମାନେ ବାସ କରନ୍ତି। ଗ୍ଲୋବରେ ଭାରତ ଯେଉଁଠି ଅଛି ତାର ଠିକ ବିପରୀତରେ ରହିଛି ମେକ୍ସିକୋ। ମେକ୍ସିକୋର ମାୟା ସଭ୍ୟତାର ବାସିନ୍ଦାମାନେ ମହାନ ଜ୍ୟୋତିଷ ଥିଲେ ବୋଲି ପ୍ରମାଣ ମିଳିଛି। ଅର୍ଥାତ୍ କଲମ୍ବସ ଆମେରିକା ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ମୁନିଋଷିମାନେ କେନ୍ଦ୍ର ଆମେରିକାର ଏହି ମହାନ ସଭ୍ୟତା ସମ୍ପର୍କରେ ଅବଗତ ଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ପ୍ରାଚୀନ ଭାରତୀୟ ଋଷିମୁନିମାନଙ୍କ ପାଇଁ ଆଧୁନିକ ଜ୍ୟୋତିଷୀୟ ଉପକରଣର ଆବଶ୍ୟକତା ନଥିଲା। ସେମାନେ ଯୋଗ ଦ୍ୱାରା ସମସ୍ତ ଜ୍ଞାନ ଲାଭ କରିପାରୁଥିଲେ। ତେଣୁ ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ୧୦୮ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଥିବାରୁ ଓ ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଏହା ପ୍ରମାଣିତ ହେଉଥିବାରୁ ଆମେ ଏହାର ମହତ୍ୱ ବିଷୟରେ ଜାଣିବା ଉଚିତ। (କ୍ରମଶଃ)

# ସହରରେ ମିଳିବ ଗ୍ରାମ୍ୟ ସଂସ୍କୃତିର ମହକ

॥ ବିପିନ ବିହାରୀ ରାଉତ ॥

ସମୟ ବଦଳିବା ସହିତ ଲୋକଙ୍କ ଚାଲିଚଳନ ଜୀବନଶୈଳୀ, ଖାଦ୍ୟପେୟ ରୁଚିରେ ଅନେକ ପରିବର୍ତ୍ତନ ଘଟିଛି। ଏ ସବୁ ସତ୍ତ୍ୱେ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ଆଦୃତି କମିନାହିଁ। ଆଜି ମଧ୍ୟ ଗାଁ ଠାରୁ ଆରମ୍ଭ କରି ସହରର ଲୋକମାନେ ପଖାଳର ମହତ୍ତ୍ୱକୁ ଭୁଲିଯାଇନାହାନ୍ତି। ପୂର୍ବରୁ କେବଳ ଚାଷୀ ଘରର ପ୍ରମୁଖ ଖାଦ୍ୟ ଥିଲା ପଖାଳ। ଗାଁ ଗହଳିର ନିତିଦିନିଆ ଖାଦ୍ୟ ଏହି ପଖାଳ କିନ୍ତୁ ଏବେ ସହରରେ ପ୍ରବେଶ କରିଛି। ସବୁଦିନ ନହେଲେ ମଧ୍ୟ ସମୟ ସମୟରେ ପରିବାର ସଦସ୍ୟଙ୍କ ଗହଣରେ ପଖାଳ ଖାଇବାର ମଜା ଟିକେ ନିଆରା। ବିଶେଷକରି ଖରାଦିନ ଆସିଲେ, ପଖାଳ ଖାଇବାକୁ ଅଧିକ ଲୋକ ଭଲ ପାଇଥାନ୍ତି। ସହରର ଚାକଚକ୍ୟ ମାଧୁର୍ଯ୍ୟ ଭରା ପରିବେଶରେ ମଧ୍ୟ ପଖାଳର ଏବେବି ଚାହିଦା ରହିଛି। ଯଦିଓ ପଖାଳରେ କୌଣସି ପରିବର୍ତ୍ତନ ହୋଇନାହିଁ କିନ୍ତୁ ପଖାଳ ଖାଇବାର ପରିବେଶ ଏବଂ ଶୈଳୀରେ ବହୁ ପରିବର୍ତ୍ତନ ଘଟିଛି। ଗତ କିଛି ବର୍ଷ ହେଲା ସହରରେ ପଖାଳକୁ ନେଇ ଏକ ଭିନ୍ନ ପରମ୍ପରା ସୃଷ୍ଟି ହୋଇଛି। ପଖାଳର ମହତ୍ତ୍ୱକୁ ବଜାୟ ରଖିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ସାର୍ବଜନୀ ପଖାଳ ଦିବସ ଭାବେ ପାଳନ କରାଯାଉଛି। ତେବେ ଏହାକୁ ନେଇ ନିୟମିତ ପଖାଳ ଖାଉଥିବା ଗାଁର ଲୋକଟିଏ ଯେତିକି ଖୁସି ନଥାନ୍ତି ତାଠାରୁ ଦ୍ୱିଗୁଣ ଉତ୍କଣ୍ଠା ଦେଖାଯାଇଛି ସହରବାସୀଙ୍କ ମଧ୍ୟରେ।

ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ପଖାଳ ପ୍ରତି ଲୋକଙ୍କର ଆକର୍ଷଣ ରହିଛି। ଗାଁ ପରିବେଶରେ ଲୋକଙ୍କୁ ଜୀବନଶୈଳୀରେ ପଖାଳ ଯେ କେବଳ ଏକ ନିତିଦିନିଆ ପାକ ପଦ୍ଧତି ତାହା ନୁହେଁ ବରଂ ଏହା ପ୍ରତି ପରିବାରକୁ ଯୌଥ ସୂତ୍ରରେ ମଧ୍ୟ ବାନ୍ଧି ରଖିବାରେ ଏକ ମାଧ୍ୟମ। କଂସାଏ ପଖାଳ ଓ ମୁନ୍ଦାଏ ତୋରାଣି ଦିନସାରାର ଖୋରାକ ଯୋଗାଇଥାଏ। ସେଇ ପଖାଳ ଖାଇ ଚାଷୀଟିଏ ଆତ୍ମସନ୍ତୋଷ ପାଇଥାଏ। ଆଜି ପଖାଳ ଦିବସ ଅବସରରେ ସହରବାସୀ ସେକାଳ ପଖାଳକୁ ଝୁରୁଛନ୍ତି। ଯେଉଁଥିପାଇଁ ପଖାଳ ପ୍ରସ୍ତୁତ ହୋଇଥିବା ବିଭିନ୍ନ ହୋଟେଲମାନଙ୍କରେ ପୂର୍ବରୁ ପ୍ରସ୍ତୁତ ଆରମ୍ଭ ହୋଇଛି। ଏହି ଦିବସ କେବଳ ଓଡ଼ିଶାରେ ନୁହେଁ ବରଂ ଓଡ଼ିଶା ବାହାରେ ମଧ୍ୟ ପାଳନ କରାଯାଉଛି। ପଖାଳ ଦିବସ ପାଇଁ ସହରର ବିଭିନ୍ନ ଛୋଟବଡ଼ ହୋଟେଲରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ସହରର ପ୍ରତି ହୋଟେଲରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ଏହାସହ ଗ୍ରାମୀଣ ପରିବେଶ ସୃଷ୍ଟି ପାଇଁ ମଧ୍ୟ ସ୍ୱତନ୍ତ୍ର କଟେଜ୍ ନିର୍ମାଣ କରାଯାଇଛି, ଯେଉଁଠି ବସି ସହରବାସୀ କିଛି ସମୟ ପାଇଁ ଗାଁ ପରିବେଶକୁ ଅନୁଭବ କରିପାରିବେ। ଛୋଟ ହୋଟେଲଠୁ ଆରମ୍ଭ କରି ଷ୍ଟାର ହୋଟେଲ ପର୍ଯ୍ୟନ୍ତ ସବୁଠି ପ୍ରସ୍ତୁତି ହୋଇଛି ବିଭିନ୍ନ ଧରଣର ପଖାଳ ମେନୁ। ସାଧା ପଖାଳ, ଛୁଙ୍କ ପଖାଳ, ଦହି ପଖାଳ, ଖଟା ପଖାଳ, ସଜ ପଖାଳ, ପରିବା ପଖାଳ, ପରି ଅନେକ ପ୍ରକାର ମେନୁ ଉପଲବ୍ଧ ହୋଇଛି। ଏନେଇ ବିଭିନ୍ନ ଦରଦାମ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ମଧ୍ୟମ ଧରଣର ହୋଟେଲଗୁଡ଼ିକରେ ୩୦ଟଙ୍କାରୁ ଆରମ୍ଭ କରି ୯୦ ଟଙ୍କା ପର୍ଯ୍ୟନ୍ତ ପଖାଳ ଡିସ୍‌ର ମୂଲ୍ୟ ରହିଥିବା ବେଳେ ଷ୍ଟାର ହୋଟେଲଗୁଡ଼ିକରେ ଏହାର ମୂଲ୍ୟ ୪୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରତିବର୍ଷ ଗ୍ରାହକଙ୍କୁ ଆକୃଷ୍ଟ କଲା ଭଳି ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଉଛି। ଏହାସହ ପଖାଳ ଦିବସ ପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ରିହାତି ରହିଛି। ସାଧା ପଖାଳରେ ବଡ଼ିଚୁରା, ଭଜା, ଚିପ୍ସ, ସାଲାଡ଼, ଆଳୁଭର୍ତ୍ତା, କଖାରୁ ଫୁଲ, ପୋଟଳ ଭଜା ଆଦି ରହିଥିବାବେଳେ ଦହି ପଖାଳରେ ସମାନ ପ୍ରକାର ବ୍ୟଞ୍ଜନ ରହିଥିବା ଏକାମ୍ରହାଟରେ ଥିବା ଏକ ହୋଟେଲର ମାଲିକ କୁହନ୍ତି। ଏଥର ପଖାଳ ଦିବସ ମଙ୍ଗଳବାର ହୋଇଥିବାରୁ ଆମିଷକୁ ଅଧିକ ଗୁରୁତ୍ୱ ଦିଆଯାଇଛି ଏବଂ ବିଭିନ୍ନ ଶାଗ ଆଇଟମରେ ଚୁନା ମାଛ, ବିଭିନ୍ନ ପ୍ରକାର ଭଜା ମାଛ, ମାଂସ କଷା, ଚିଙ୍ଗୁଡ଼ି ଭଜା, ମଟନ କଷା ଆଦି ରହିଛି। ସ୍କୁଲ କଲେଜ ପିଲାଙ୍କ ଠାରୁ ସମସ୍ତ ବର୍ଗର ଲୋକମାନେ ଏହି ଦିବସର ମଜା ନେଇଥାନ୍ତି ବୋଲି ହୋଟେଲ ମାଲିକ ପ୍ରକାଶ କରିଛନ୍ତି। ଦୈନନ୍ଦିନ ଜୀବନରେ ପଖାଳର ସ୍ଥାନ ସ୍ୱତନ୍ତ୍ର। ବିଶେଷକରି ଖରାଦିନେ ଓଡ଼ିଆଙ୍କ ଘରେ ଘରେ ପଖାଳର ଆଦୃତି ଦେଖିବାକୁ ମିଳିଥାଏ। କେବଳ ଗରିବ ଲୋକ ନୁହଁନ୍ତି ଧନୀ ଲୋକଙ୍କ ଘରେ ମଧ୍ୟ ଆବହମାନ ସମୟରୁ ପଖାଳର ଆଦରକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି। କଥାରେ ଅଛି ଜଣଙ୍କ ଘରେ ପଖାଳ ଥିଲେ ଆଉ ବାରିରେ ଶାଗ ମନ୍ଦାଏ ଥିଲେ ତାହାଘରେ ଆଉ ଅଭାବ ଶବ୍ଦ ନଥାଏ। ବାସ୍ତବିକ ଏହା ଅତ୍ୟନ୍ତ ସତ କଥା। କେହି କେହି ପରିହାସରେ ପଖାଳଖିଆ ଓଡ଼ିଆ ମଧ୍ୟ କୁହନ୍ତି ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ମଧ୍ୟ ଅଛି ତାହା ହେଉଛି ପଖାଳ ଶରୀରକୁ ଯେଉଁ ପୋଷକତତ୍ତ୍ୱ ଦେଇଥାଏ ତାହା ଅନ୍ୟ ଖାଦ୍ୟରେ ନଥାଏ। କେହି କେହି କୁହନ୍ତି ବାଶୀ ପଖାଳ ଯଦିଓ ଶରୀରକୁ ନିଦ୍ରା ଆଡ଼କୁ ନେଇଯାଏ କିନ୍ତୁ ପଖାଳ ହେଉଛି ସନ୍ତୁଷ୍ଟିର ଲକ୍ଷଣ ଅର୍ଥାତ୍ ସର୍ବନିମ୍ନ ଆବଶ୍ୟକକୁ ନେଇ ଏକ ଜାତି ମୁଣ୍ଡଟେକି ଚାଲିପାରେ ଆଉ ଜୀବନରେ ଭଗବାନଙ୍କ ପ୍ରଦତ୍ତ ସର୍ବନିମ୍ନ ଆବଶ୍ୟକତାକୁ ନେଇ ଜଣେ ଖୁସି ମଧ୍ୟ ହୋଇ ତା'ଜୀବନ ଅତିବାହିତ କରିଥାଏ। ଓଡ଼ିଶାର ଅନେକ ଲବ୍ଧପ୍ରତିଷ୍ଠିତ ଏବଂ ବିତ୍ତଶାଳୀ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନଙ୍କ ଜୀବନ କାହାଣୀରେ ପଖାଳ ବିଷୟରେ ଉଲ୍ଲେଖ ରହିଛି। ପଖାଳକୁ ଭଲ ପାଉଥିବା ଜାତି ହେଉଛି ଏହି ବୀର ଓଡ଼ିଆ ଜାତି। ପଖାଳର ଆଉ ଏକ ସ୍ୱତନ୍ତ୍ର ସ୍ୱାଦ ଅନୁଭୂତ ହୁଏ ବସନ୍ତ ଋତୁର ଆଦ୍ୟ ପ୍ରବେଶ ସମୟରେ। ବାଡ଼ି ହେଉ ବା ତୋଟା ଆମ୍ବ ବକୁଳର ଲସିକୁ ପଖାଳରେ ପକାଇ ସେହି କଞ୍ଚାଆମ୍ବର ଚଟଣି ଓ ଅନ୍ୟାନ୍ୟ ବ୍ୟଞ୍ଜନ ସହ ପଖାଳର ସ୍ୱାଦ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଓ ନିଆରା। ଆଜିକାଲି ବଡ଼ ବଡ଼ ହୋଟେଲରେ ଧନୀବିତ୍ତଶାଳୀ ଲୋକମାନେ କଂସାରେ ବିଭିନ୍ନ ବ୍ୟଞ୍ଜନ ସହ ପଖାଳକୁ ଆଦରି ଏହାକୁ ଖାଦ୍ୟରେ ଗୁରୁତ୍ୱ ଦେଉଛନ୍ତି। ପଖାଳ ଶରୀରତତ୍ତ୍ୱ ପାଇଁ ଅତ୍ୟନ୍ତ ଆବଶ୍ୟକୀୟ। ଶରୀରକୁ ଶୁଷ୍କତାରୁ ଆରୋଗ୍ୟ ଲାଭ କରି ଜଣଙ୍କ ପେଟକୁ ଥଣ୍ଡା ରଖିବାରେ ପଖାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜି ବିଶ୍ୱ ପଖାଳ ଦିବସ ଅବସରରେ ଏପରି ଏକ ଗାଁ ସଂସ୍କୃତିର ପରମ୍ପରାର ଖାଦ୍ୟକୁ ସମସ୍ତେ ମନେପକାଇ ଏହାକୁ ଆଦରିବା ପାଇଁ ନିଜ ନିଜ ଭିତରେ ଭଲ ପାଇବାକୁ ବଢ଼ାଇଲେ ପଖାଳର ମହକ ଅନେକ ବଢ଼ିପାରିବ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩

# ଘରକୁ ଫେରୁଛି ଘର ଚଟିଆ

॥ ଯୁଧିଷ୍ଠିର ମହାରଣା ॥

ଘରଚଟିଆ ଆକାରରେ ଛୋଟ। କିନ୍ତୁ ପରିବେଶ ଏବଂ ମାନବ ସମାଜ ପାଇଁ ଅନେକ ବଡ଼ ବଡ଼ କାମ କରିଥାନ୍ତି ସେମାନେ। ଦିନ ଥିଲା କିଚିରି ମିଚିରି ଶବ୍ଦରେ ସକାଳଟା ଯେମିତି ଫାଟି ପଡୁଥିଲା। ମଣିଷ ସହ ସାଥି ହୋଇ ରହୁଥିଲେ। ହେଲେ ପରିବର୍ତ୍ତିତ ପରିବେଶ ଯୋଗୁଁ ଏମାନେ ଯେମିତି କୁଆଡେ ଉଭେଇ ଯାଇଥିଲେ। ମାନବ ମାନସ ପଟରୁ ଲିଭିଯାଇଥିଲେ। ଏବେ କିନ୍ତୁ ପୁଣି ଥରେ ଘରଚଟିଆଙ୍କୁ ଘର ଆଗରେ ଦେଖିବାକୁ ମିଳୁଛି।

ଓଡ଼ିଶାରେ ଘରଚଟିଆଙ୍କ ସୁରକ୍ଷା ପାଇଁ ଇତିମଧ୍ୟରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହାର ସୁରକ୍ଷା ପାଇଁ ବ୍ୟକ୍ତିନିଷ୍ଠ ଭାବେ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ଯାହା ଖୁସିର କଥା। ୨୦୧୧ରେ ପ୍ରଥମ ଘରଚଟିଆ ସୁରକ୍ଷା ଉଦ୍ୟମ ଆରମ୍ଭ ହୋଇଥିଲା। ଗୁଣ୍ଡବନ୍ଧ ଏବଂ ଏହାର ଆଖପାଖ ଗ୍ରାମର କେତେକ ଉତ୍ସାହୀ ଯୁବକ ଗଠନ କରିଥିଲେ ଆଞ୍ଚଳିକ ବିକାଶ ପରିଷଦ।ବ୍ରହ୍ମପୁର ସହର ଉପକଣ୍ଠ ଯଥା ବାଘମାରି, ବିରିବାଡ଼ିଆ, ଗୁଣ୍ଡବନ୍ଧ, ଲାଞ୍ଜିଆ, ବାଳକୃଷ୍ଣପୁର, ନିମଖଣ୍ଡି ଏବଂ ଗଞ୍ଜାମ ବ୍ଲକର ଗୋଖରକୁଦା ଏବଂ ଅନ୍ୟାନ୍ୟ ଅଞ୍ଚଳ ବାସୀଙ୍କ ଯୋଗୁଁ ଘରଚଟିଆଙ୍କ ସଂରକ୍ଷଣ ଏବଂ ବଂଶରକ୍ଷା ହୋଇପାରିଛି। ପରିବେଶ ଓ ମାନବ ସମାଜ ପାଇଁ ଘରଚଟିଆଙ୍କ ଅବଦାନ ଅଶେଷ ରହିଥିଲେ ମଧ୍ୟ କାଳକ୍ରମେ ଏମାନେ ଏକ ପ୍ରକାର ଲୋପ ହୋଇଯାଇଥିଲେ। ଏଣୁ ପରିଷଦ ତରଫରୁ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଥିଲା। ପ୍ରଥମ ସମସ୍ୟା ଥିଲା ଘରଚଟିଆଙ୍କ ବାସସ୍ଥାନର ଅଭାବ। ସେଥିପାଇଁ ପରିଷଦର ଯୁବକମାନେ ହାତରେ ମାଟି, ଲାଉ, ପ୍ଲାଏ ଉଡରେ କୃତ୍ରିମ ବସା ତିଆରି କରିଥିଲେ। ଏଗୁଡ଼ିକୁ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ବର୍ତ୍ତମାନ ସୁଦ୍ଧା ମାଟିରେ ତିଆରି ୩୦ଟି ବସା ସହ ଲାଉରେ ୩୦ଟି, ପ୍ଲାଏଉଡରେ ନିର୍ମିତ ୧୨୦ଟି ବସା ବଣ୍ଟାଯାଇଛି। ସେହିଭଳି ଖାଦ୍ୟ ଦେବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ୩୦ଟି ବକ୍ସ ମଧ୍ୟ ପ୍ରଦାନ କରାଯାଇଛି। ବାସସ୍ଥାନ ସହ ଖାଦ୍ୟ ଉପଲବ୍ଧ ହେବା ପରେ ଘରଚଟିଆଙ୍କ ସଂଖ୍ୟା ବଢ଼ିଛି। ବିରିବାଡ଼ିଆ ଗ୍ରାମରେ ପୂର୍ବରୁ ୧୦ଟି ଘରଚଟିଆ ଥିବାବେଳେ ବର୍ତ୍ତମାନ ସଂଖ୍ୟା ଶହେ ଟପିଲାଣି। ସେହିଭଳି ଲାଞ୍ଜିଆରେ ୨ରୁ ୬୦କୁ, ବାଘଝରିଆରେ ୨୦ରୁ ୨ଶହ, ବାଳକୃଷ୍ଣପୁରରେ ୫ରୁ ୩୦କୁ ଏବଂ ଧର୍ମନଗରରେ ୧୫ରୁ ୫୦କୁ ସଂଖ୍ୟା ବୃଦ୍ଧି ହୋଇଛି। ଗୁଣ୍ଡବନ୍ଧ ଗ୍ରାମରେ ଆଦୌ ନଥିଲେ। ବର୍ତ୍ତମାନ ଏଠାରେ ପାଖାପାଖି ୫୦ଟି ଘରଚଟିଆ ରହିଛନ୍ତି। ପରିଷଦ ତରଫରୁ ନିୟମିତ ଗ୍ରାମଗୁଡ଼ିକୁ ଯାଇ ଘରଚଟିଆଙ୍କ ସୁବିଧା ଅସୁବିଧା ସମ୍ପର୍କରେ ସମୀକ୍ଷା କରାଯିବା ସହ ସଂରକ୍ଷଣ କରିଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଲାଞ୍ଜିଆ ଗ୍ରାମର ନବୀନ ଗୌଡ଼ କୁହନ୍ତି, ପ୍ରଥମେ ସେ ପରିଷଦ ତରଫରୁ ୬ଟି ବସା ପାଇବା ପରେ ସଂରକ୍ଷଣ ଆରମ୍ଭ କରିଥିଲେ। ଘରଚଟିଆଙ୍କ ସଂଖ୍ୟା ବଢ଼ିଲା। ଏଣୁ ସେ ଏବେ ନିଜେ ବସା ବନାଇବା ସହ ଅନ୍ୟକୁ ବାଣ୍ଟୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଧାନ ଏବଂ ମାଣ୍ଡିଆର ଉତ୍ପାଦନ ପ୍ରଚୁର ଥିବା ଯୋଗୁଁ ପୂର୍ବରୁ ଘରଚଟିଆଙ୍କ ଉପସ୍ଥିତି ଦେଖିବାକୁ ମିଳୁଥିଲା। ହେଲେ ପରିବେଶ ପରିବର୍ତ୍ତନ ଏବଂ ମୋବାଇଲ ଟାୱାର ସହ ଅନ୍ୟାନ୍ୟ କାରଣରୁ ସଂଖ୍ୟା କମିଗଲା। ବର୍ତ୍ତମାନ ଅନେକ ଗ୍ରାମରେ ଲୋକମାନେ ନିଜସ୍ୱ ଉଦ୍ୟମରେ ଘରଚଟିଆ ସଂରକ୍ଷଣ କରୁଛନ୍ତି। ଘରଚଟିଆ ଏକ ନିରୀହ ପକ୍ଷୀ ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି ଜଳବାୟୁ, ଜୈବିକମଣ୍ଡଳ ଓ ପ୍ରକୃତି ସହ ଏହା ଏକ ସୁସମ୍ପର୍କ ତିଆରି କରିଥାଏ। ଅନେକ ଆନ୍ତର୍ଜାତିକ ସ୍ତରର ସଙ୍ଗଠନ ଏମାନଙ୍କର ସୁରକ୍ଷା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଭାରତର ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ ପରି ରାଜ୍ୟରେ ସରକାରୀ ସ୍ତରରେ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯଦିଓ ଓଡ଼ିଶାରେ ସରକାରୀ ସ୍ତରରେ ଘରଚଟିଆ ମାନଙ୍କ ସୁରକ୍ଷା ପାଇଁ ସେପରି କୌଣସି ସରକାରୀ କାର୍ଯ୍ୟକ୍ରମ ବା ଯୋଜନା ପ୍ରସ୍ତୁତ କରାଯାଇନାହିଁ କିନ୍ତୁ ଅନେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ଆସନ୍ତୁ ବିଶ୍ୱ ଘରଚଟିଆ ଦିବସ ଅବସରରେ ଏହି ନିରୀହ ସର୍ବାଙ୍ଗୀନ ସୁରକ୍ଷା କରି ପ୍ରାକୃତିକ ଭାବରେ ଜୈବମଣ୍ଡଳ ଭାରସାମ୍ୟ ରକ୍ଷା କରୁଥିବା ସୁନ୍ଦର ଚଢ଼େଇଟିର ସୁରକ୍ଷା ପାଇଁ କିଛି ଦାୟିତ୍ୱ ନିର୍ବାହ କରିବା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଗଞ୍ଜେଇ ଧରିବା ନାଁରେ ପୋଲିସ୍ ଯୁବକଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ କନ୍ଧମାଳ ଏସପି ଙ୍କ କାର୍ଯ୍ୟାନୁଷ୍ଠାନ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଞ୍ଚଳରେ ଶନିବାର ଜନୈକ ଯୁବକଙ୍କ ମୃତଦେହ ମିଳିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ଜିଲ୍ଲା ପୁଲିସ। ଆଜି ଏସପିଙ୍କ ନିର୍ଦ୍ଦେଶ କ୍ରମେ ଚ. ଝ. ଓ ଅଜିତ କୁମାର ସ୍ୱାଇଁ , ହାବିଲଦାର ରାମଚନ୍ଦ୍ର ନାୟକଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ହୋମଗାର୍ଡ ଅଭିରାମ ମହାନନ୍ଦ, ଜଗବନ୍ଧୁ କହଁର ଓ ରତ୍ନାକର ନାୟକଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ଏମାନଙ୍କ ବିରୋଧରେ ମୃତକଙ୍କ ସ୍ତ୍ରୀ ଅଭିଯୋଗ ଆଣିଥିବାରୁ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟିର ସମ୍ଭାବନା ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆ ଯାଇଥିବା ଅତିରିକ୍ତ ଏସ୍ପି ବଳଭଦ୍ର ଦୀପ ପ୍ରକାଶ କରିଛନ୍ତି । ଏପଟେ ଏସପି ଶୁଭେନ୍ଦୁ ପାତ୍ର ଗୋଚ୍ଛାପଡା ଯାଇ ଘଟଣାର ଅଧିକ ତଦନ୍ତ କରିଛନ୍ତି। ଘଟଣା ସମୟରେ ମୃତ ଯୁବକଙ୍କ ସଙ୍ଗରେ ଥିବା ତାଙ୍କ ସାଙ୍ଗଙ୍କୁ ଡକାଇ ପଚରାଉଚରା କରାଯାଇଛି। ଇତି ମଧ୍ୟରେ ଶବ ବ୍ୟବଚ୍ଛେଦ ରିପୋର୍ଟ ପୁଲିସର ହସ୍ତଗତ ହୋଇଥିବା ବେଳେ ଭିସେରା ରିପୋର୍ଟ ଆସି ନାହିଁ। ତଦନ୍ତ ପ୍ରକ୍ରିୟା ଜାରୀ ରହିଥିବା କହିଛନ୍ତି ଅତିରିକ୍ତ ଏସପି। ଘଟଣାରେ ପୁଲିସ ସମ୍ପୃକ୍ତି ନେଇ ଅଭିଯୋଗ ଥିବାରୁ ଏହାକୁ ଗୁରୁତ୍ୱର ସହ ନେଇଛି ପୁଲିସ। ଘଟଣାରେ ଯଦି କାହାର ସମ୍ପୃକ୍ତି ପ୍ରମାଣିତ ହୁଏ, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଏସ୍ପି ଦୀପ କହିଛନ୍ତି । ସୂଚନାଯୋଗ୍ୟ, ବୌଦ୍ଧ ଜିଲା କଂଟାମାଳ ଥାନା ବେହେରାପଡାର ଜ୍ୟେଷ୍ଠ ବଣ୍ଡକିଙ୍କ ମୃତଦେହ ଶନିବାର ଲୁଇସିଂ ପଞ୍ଚାୟତ ଡାଙ୍ଗାଣାମୁ ନିକଟରେ ରାସ୍ତା କଡରୁ ମିଳିଥିଲା ମୃତକଙ୍କ ସ୍ତ୍ରୀ ସୁମନ୍ତି ସ୍ୱାମୀଙ୍କୁ ପୁଲିସ ହତ୍ୟା କରିଥିବା ନେଇ ଗୋଚ୍ଛାପଡା ଥାନାରେ ଏତଲା ଦେଇଛନ୍ତି ।ବର୍ତମାନ୍ ଘଟଣା ର ତଦନ୍ତ ଚାଲିଛି ବୋଲି କହିଛନ୍ତି ଆଡିସନାଲ ଏସ୍. ପି।

## ତାଳଗଛ ପଡି ଜଣେ ମହିଳାଙ୍କ ମୃତ୍ୟୁ

କପ୍ତିପଦା -(ମହାଭାରତ ): କପ୍ତିପଦା -ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଭୂଳାଗଡିଆ ଗ୍ରାମପଞ୍ଚାୟତ ଅଧିନସ୍ଥ ଥିବା ନୂଆଗାଁ ଗ୍ରାମ ନିବାସୀ ଶ୍ରୀ ନବୀନ ବେହେରାଙ୍କ ସ୍ତ୍ରୀ ଗୁରୁବାରି ବେହେରା ବୟସ ୫୮ ବର୍ଷ ଯ ଆଜି ତାରିକ ୦୨/୧୦/୨୦୨୪ ସକାଳ ୯ ଟାରେ ଗାଧେଇବା ସମୟରେ ହଠାତ ଏକ ପଡିଶା ଘରର ତାଳଗଛ ଭାଙ୍ଗି ପଡ଼ି ଗୁରୁବାରି ବେହେରା ଉପରେ ପଡିଯିବାରୁ ସେ ଗଛର ମାଡ଼ରେ ଅଚେତ ହୋଇ ପଡିଗଲେ। ସେଠାରୁ ବାହାର କରି ସଙ୍ଗେ ସଙ୍ଗେ ଖୁଣ୍ଟା ଡାକ୍ତଖାନାକୁ ଆଣିବା ପରେ ଡାକ୍ତର ସେଠାରେ ଗୁରୁବାରି ର ମୃତ୍ୟୁ ଘଟିଛି ବୋଲି କହିଲେ ଏବଂ ପୋଲିସ କୁ ଇନଫରମେସନ ଦେବା ସହ ପୋଷ୍ଟ ମୋର୍ଟମ୍ କରାଯିବା ପାଇଁ ଆଦେଶ ଦେଲେ। ପୋଷ୍ଟମର୍ଟମ ଆଦ୍ୟ ଉଦଳା ହସ୍ପିଟାଲରେ କରା ଯାଇ ଶବକୁ ହସ୍ତାନ୍ତର କରାଗଲା । ପ୍ରକାଶ ଥାଉକି ସେ ଘରର ଏକ ମାତ୍ର ରୁଜଗାରି ଥିଲେ। ତା ରୁଜଗାରରେ ପରିବାର ଚଳୁଥିଲା । ତାର ଏକ ମାତ୍ର ସନ୍ତାନ ସେ ବେସାହାରା କରି ଚାଲି ଗଲେୟ ଏପରି କ୍ଷେତ୍ରରେ ସରକାର, ଏ ପରିବାରକୁ କିଛି ସାହାଯ୍ୟ କରିବାକୁ ଗ୍ରାମ ବାସୀଙ୍କ ତରଫରୁ ଅନିରୁଦ୍ଧ।

## ବାଲୁଗାଁ କଲେଜରେ ଅନ୍ତର୍ଜାତୀୟ ଅହିଂସା ଦିବସ କାର୍ଯ୍ୟକ୍ରମ



ଚିଲିକା (ମହାଭାରତ), ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଅନ୍ତର୍ଜାତୀୟ ଅହିଂସା ଦିବସ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ଣରେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଧୋବୀ ଚରଣ ପରିଡ଼ାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ଓ କ୍ୟାଡେଟ ମାନଙ୍କର ଏକ ଶୋଭାଯାତ୍ରା ପରେ ମହାବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଡକ୍ଟର କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଶିକ୍ଷାର୍ଥୀ ଓ ଅଧ୍ୟାପକ ମାନେ ଜାତିର ପିତା ମହାତ୍ମା ଗାନ୍ଧି ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନ ଦର୍ଶନ ଓ ରାଜନୈତିକ ଜୀବନ ଶୈଳୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ସେପ୍ଟେମ୍ବର ୧୭ରୁ ଅକଟୋବର ୦୨ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା,ସ୍ୱଭା ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିବା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ଅଧ୍ୟକ୍ଷ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରିଥିଲେ। ଏହାପରେ ଏନସିସି ଓ ଏନଏସଏସ ଛାତ୍ର ଛାତ୍ରୀମାନେ ପୁନିତ ସାଗର ଅଭିଯାନରେ ଚିଲିକ୍ କୂଳ ସଫେଇ କରିଥିଲେ । ଏହାପରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଆୟୋଜିତ ସ୍ୱଚ୍ଛତା ହିଁ ସେବା ଶୋଭାଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମକ୍ଷ କରିବା ସହ ଗାନ୍ଧି ଛକରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଏନଏସି ଅଧ୍ୟକ୍ଷକ୍ଷ ଙ୍କ ସଭାପତିତ୍ୱରେ ଆୟୋଜିତ ସେବା ହିଁ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ମହାଳୟା ଏବଂ ଗାନ୍ଧୀ ଜୟନ୍ତୀରେ ବିଭିନ୍ନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ମହାଭାରତ): ଆଜି ବାରୁଅସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ପବିତ୍ର ମହାଳୟା ଉପଲକ୍ଷେ ଚିର ସବୁଜ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ଜନ୍ମୋତ୍ସବ ଏବଂ ସନ୍ଥ ସ୍ୱରୂପ ଦିବ୍ୟାତ୍ମା ତଥା ବିଲମୁଗବାଡି ଗ୍ରାମସ୍ଥିତ ଶ୍ରୀ ଭାଗବତ ଗାଦି ସଂସ୍ଥାପକ ବ୍ରହ୍ମଲୀନ ମାୟାଧର ଜେନାଙ୍କ ଶ୍ରାଦ୍ଧୋତ୍ସବ ଯଥାବିଧି ପାଳିତ ହୋଇଯାଇଛି । ପବିତ୍ର ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ରେଡିଓ ଭାବଗ୍ରାହୀର ସରୋଜିନୀ ଷ୍ଟୁଡିଓରେ ଅହିଂସା ଦୂତ ମହାତ୍ମା ଗାନ୍ଧୀ ଏବଂ ଶାନ୍ତି ଦୂତ ଲାଲ୍ ବାହାଦୁର ଜୀବନାଦର୍ଶ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।

## ହିନ୍ଦୋଳ ଯୋଗାଣ ବିଭାଗର ମହାଦୁର୍ନୀତି, ଜୀବିତ ମହିଳାଙ୍କୁ ମୃତ ଦର୍ଶାଇ କାଟିଦେଲେ ୧୮ ମାସର ଅନ୍ତୋଦୟ ଚାଉଳ



ହିନ୍ଦୋଳ(ମହାଭାରତ)ରାଜ୍ୟ ସରକାର ଅନ୍ତୋଦୟ କାର୍ଡ ମାଧ୍ୟମରେ ଗରିବକଲ୍ୟାଣ ଅର୍ଣ୍ଣଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କୁ ୩୫କେଜି ଚାଉଳ ପ୍ରଦାନ କରୁଛନ୍ତି। ମାତ୍ର ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଯୋଗାଣ ବିଭାଗର ଅବହେଳା ଯୋଗୁଁ ଆଜକୁ ପ୍ରାୟ ୧୮ମାସ ହେଲା ଜଣେ ଅସହାୟ ବିଧବା ମହିଳାଙ୍କୁ ମୃତ ଦର୍ଶାଇ ଅନ୍ତୋଦୟ ଚାଉଳ ବନ୍ଦ୍ କରିଦେବା ଭଳି ସଂଘାତିକ ଅଭିଯୋଗ ହୋଇଛି। ତେବେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ହିନ୍ଦୋଳ ବ୍ଲକ କୁଟୁଣିଆ ପଞ୍ଚାୟତ ଗୁଆଗରିଆ ଗ୍ରାମରେୟ ସେହି ଗ୍ରାମର ସାବିତ୍ରୀ ପ୍ରଧାନ ଜଣେ ଅସହାୟ ଗରିବ ବିଧବା ମହିଳା। ଗରିବ ସାବିତ୍ରୀଙ୍କ ପରିବାର କହିଲେ କେହି ନାହାନ୍ତି,ଏଠି ସେଠି ମୂଲ ମଜୁରୀ କରି ପେଟକୁ ଦାନା ଯୋଗାଡ଼ କରନ୍ତି ଓ ଅନ୍ତୋଦୟ କାର୍ଡ ପାଇବା ଦିନଠାରୁ ସେ ୩୫ କିଲୋ ଚାଉଳ ପାଉଥିଲେୟମାତ୍ର ୨୦୨୩ ମସିହା ମାର୍ଚ୍ଚମାସ ପରେ ଆଉ ସେ ଚାଉଳ ପାଉନାହାନ୍ତିଓତେବେ ସାବିତ୍ରୀ ଡିଲର ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବାପରେ ହିନ୍ଦୋଳ ଯୋଗାଣ ବିଭାଗ ଅଧିକାରୀଙ୍କ ପାଖରେ ପହଞ୍ଚିଥିଲେ ଓ ଆଉ ସେଇଠାରେ ଜାଣିବାକୁ ପାଇଥିଲେ ସାବିତ୍ରୀ ପଧାନ ମୃତ ହୋଇଥିବା ସୂଚନା ଥିବାରୁ ତାଙ୍କର ଅନ୍ତୋଦୟ କାର୍ଡଟି କଟିଯାଇଛି ଓ ତେବେ ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଦେଢ଼ ବର୍ଷ ହେବ ସେ ଚାଉଳ ପାଇ ପାରୁନାହାନ୍ତି ।ତେବେ ଯୋଗାଣ ବିଭାଗ ଅଧିକାରୀ କିପରି ଜଣେ ଜୀବିତ ମହିଳାକୁ ମୃତ ଦର୍ଶାଇ ଅନ୍ତୋଦୟ କାର୍ଡ କାଟିଲେ ଏବଂ ଜୀବିତ ଥିବା ଜାଣିବା ପରେବି ଆଜି ପର୍ଯ୍ୟନ୍ତ କାହିଁକି କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ଏବଂ ଏହା ପଛରେ କଣ କାରଣ କାହା ସ୍ୱାର୍ଥରେ କାହା ଇଙ୍ଗିତରେ ଏହା କରାଯାଇଛି, ଏଥିରେ କେଉଁକେଉଁ ସରକାରୀ ଅଧିକାରୀ, କର୍ମଚାରୀ ଓ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଛି ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛିଓତେବେ କିଏ ଆଉ କାହିଁକି ଜୀବିତକୁ ମୃତ ଦର୍ଶାଇଛି ତାହାକୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିରାଶ୍ରୟ ସାବିତ୍ରୀ କୁ ଅନ୍ତୋଦୟ ଯୋଜନାରେ ୩୫କିଲୋ ଚାଉଳ ପ୍ରଦାନ ପାଇଁ ସାଧାରଣରେ ଦାବି ଯୋର ଧରିଛି। ରାଜ୍ୟ ସରକାରଙ୍କ ଖୋଦ ଯୋଗାଣମନ୍ତ୍ରୀ ମୃତକକୁ ଜୀବିତ ଦର୍ଶାଇ ରାସନ ସାମଗ୍ରୀ ଉଠାଉଥିବା ଭୁତ କାର୍ଡ ଧରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ତାଙ୍କରି ବିଭାଗର ଅଧିକାରୀ, କର୍ମଚାରୀ ଓ ଡିଲରମାନେ ଜୀବିତକୁ ମୃତ ଦର୍ଶାଇ ଭୁତ ବନାଇ ଦେଉଥିବା ଜନସାଧାରଣରେ ଘୋର ଆଶ୍ଚର୍ଯ୍ୟ ସହ ଅସନ୍ତୋଷ ପ୍ରକାଶ ପାଉଛି।

## କଳାହାଣ୍ଡି ଜିଲ୍ଲା ସ୍ତରୀୟ ଗାନ୍ଧୀଜୀ ଓ ଶାସ୍ତ୍ରୀ ଜି ଜୟନ୍ତୀ ପାଳିତ

କଳାହାଣ୍ଡି/ମହାଭାରତ: ଭବାନୀପାଟଣା: ଜାତିର ପିତା ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଙ୍କ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ସହରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ରାମଧୁନ, ପ୍ରଭାତଫେରି ଗାନ୍ଧିଜୀ ଓ ଶାସ୍ତ୍ରୀ ଜି ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା ପ୍ରଥମେ ଗାନ୍ଧୀ ଛକ ସ୍ଥିତ ଗାନ୍ଧି ଜି ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା ଏବଂ ସେଠାରୁ ଏକ ଶୋଭାଯାତ୍ରା ବାହାରି ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ସ୍ଥିତ ଶାସ୍ତ୍ରୀ ଜି ଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପରିକ୍ରମା କରି ଶାସ୍ତ୍ରୀ ଜି ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା ତାପରେ ଶୋଭାଯାତ୍ରା ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିକ୍ରମା କରି ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ମାନ୍ୟବର ସାଂସଦ କଳାହାଣ୍ଡି ଶ୍ରୀମତୀ ମାଳବିକା ଦେବୀ, ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ,ଅତିରିକ୍ତ ଜିଲ୍ଲାପାଳ,ତନ୍ମୟ କୁମାର ଦରୱାନ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଡେପୁଟି କଲେକ୍ଟର, ଚନ୍ଦ୍ର ଦାସ ମହାନନ୍ଦିଆ ଙ୍କ ସମେତ ବିଭିଉ ବିଭାଗୀୟ ଅଧିକାରୀ,ବରିଷ୍ଠ ନାଗରିକ, ଜନପ୍ରତିନିଧି, ବିଭିଉ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ,ଛାତ୍ର ଛାତ୍ରୀ ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀ ଜି ଙ୍କ ପ୍ରତିମୂର୍ତ୍ତି ରେ ପୂଜ୍ୟ ପୂଜା ପୂର୍ବକ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେୟ ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ପୌରପାଳିକା ଭବାନୀପାଟଣା ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲ ଠାରେ ସର୍ବଧର୍ମ ପ୍ରାର୍ଥନା ସଭା, ଆଲୋଚନା ଚକ୍ର,ସ୍ୱଚ୍ଛତା ହିଁ ସେବା ଉଦଯାପନୀ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର ଓ୍ୱାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଲୋକସଭା କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି,ପ୍ରକଳ୍ପ ନିର୍ଦ୍ଦେଶକ ସହରାଞ୍ଚଳ ଉନ୍ନୟନ ସଂସ୍ଥା ମୁନୀନ୍ଦ୍ର ହୋନନାଗା,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀ ପାଟଣା,ସତ୍ୟ ସମ୍ପର୍ଣ୍ଣକ୍ଷ ରାଉତ,ବକ୍ତା ଭାବେ ଡକ୍ଟର ଉମେଶ ଶତପଥି, ପ୍ରାଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ଦାସ,ଉପାଦକ୍ଷ ପୌରପାଳିକା, ବିଷ୍ଣୁ ପ୍ରଧାନ, ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀ ଙ୍କ ଆଦର୍ଶ ଜୀବନୀ ଉପରେ ଉଲ୍ଲେଖ କରିବା ସହିତ ଆଜିର ଯୁବଗୋଷ୍ଠୀ ମହାପୁରୁଷଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ନିଜର ଉଜ୍ଜଳ ଭବିଷ୍ୟତ ,ଦେଶ ତଥା ସାମାଜ ହିତ ପାଇଁ କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ ଦେଇଥିଲେୟ ଏହି ଅବସରରେ ଅନୁଷ୍ଠିତ ବିଭିଉ ପ୍ରତିଯୋଗିତା ର ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବିନା ସୂଚନା ଫଳକରେ ଚାଲିଛି କଂକ୍ରିଟ କରଣ

### ନିମ୍ନମାନର କାମ ହେଉଥିବା ଅଭିଯୋଗ



କୋକସରା,(ମହାଭାରତ): ବର୍ତ୍ତମାନ ବିଜେପି ର ଡବଲ୍ ଇଞ୍ଜିନ ସରକାର ଶାସନ ଭାର ରେ ରହିଥିବା ବେଳେ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଗ୍ରାମା▯ଳର ବିକାଶ ପାଇଁ ଅନେକ ଗୁଡ଼ିଏ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରିଆସୁଛନ୍ତି । ହେଲେ କିଛି ସ୍ଥାନରେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାର ମାନଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ସରକାରଙ୍କ ଯୋଜନା ସଠିକ ଭାବରେ କାର୍ଯ୍ୟକାରୀ ନ ହେବା ସହ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହେବାରେ ଲାଗୁଛି। ଏଭଳି ଏକ କାର୍ଯ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଠାରେ ଚାଲିଥିବା କଂକ୍ରିଟ କାର୍ଯ୍ୟ। ସୂଚନା ଯୋଗ୍ୟ ଯେ , ଆମପାଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆମପାଣି ଅଞ୍ଚଳର ଜୈନେକ ଠିକାଦାର ମେଟାଲିଂ ଓ ଚିପ୍ସ କଂକ୍ରିଟ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟ ଆରମ୍ଭ କରିଥିବା ବେଳେ। ଅତି ନିମ୍ନମାନର ମେଟାଲ , ବାଲି, ଏବଂ କମ ଟଙ୍କାର ସିମେ▯ ବ୍ୟବହାର କରୁଥିବା ବେଳେ ଆଠ କଡ଼େଇ ମେଟାଲ ରେ ଦଶ କଡ଼େଇ ବାଲି ଏବଂ ଅଧାବସ୍ତା ସିମେ▯ ଦେଉଥିବା ଦେଖିବାକୁ ମିଳିଛି। ଏନେଇ କନିଷ୍ଠ ଯନ୍ତ୍ରୀ ଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା ହେଲେ ତାହା ମଧ ସମ୍ଭବ ହୋଇନଥିଲା। ପରେ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ମୁଁ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଉଛି ବୋଲି କହିଥିଲେ । ଏଥିରୁ ସ୍ପଷ୍ଟ ଭାବରେ ପ୍ରମାଣିତ ହେଉଛି ଯେ କନିଷ୍ଠ ଯନ୍ତ୍ରୀଙ୍କ ଦାୟିତ୍ୱହିନତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେ କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାର ସୂଚନା ଫଳକ ରହିବା କଥା କିନ୍ତୁ ଏଠି କାର୍ଯ୍ୟ ର ସୂଚନା ଫଳକ ଲାଗି ନଥିବା ହେତୁ କେଉଁ ବିଭାଗର କାର୍ଯ୍ୟ ଏବଂ କେତେ ଟଙ୍କାର ଅନୁଦାନ ରାଶି ରହିଛି ତାହା ସ୍ପଷ୍ଟ ହୋଇ ପାରିନାହିଁ । ଯେଉଁ ବିଭାଗର ଅନୁଦାନ ହେଉ କି ଯେତେ ବି ଅର୍ଥ ରାଶି ହେଉ କିମ୍ବା ଯିଏ ମଧ କାର୍ଯ୍ୟ କରୁ କିନ୍ତୁ 'ସରକାର କା ମାଲ୍ ଦରିଆମେ ଡାଲ୍ ଭଳି କାର୍ଯ୍ୟ ନ ହେଉ ବୋଲି ଲୋକେ ମତ ପ୍ରକାଶ କରିଛନ୍ତି ।ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## କପ୍ତିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



କପ୍ତିପଦା -କପ୍ତିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗୋଲକ ଚନ୍ଦ୍ର ବେଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗାନ୍ଧି ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଯଥାରୀତିରେ ପାଳିତ ହୋଇଯାଇଛି ।ବିଦ୍ୟାଳୟ ପରିସର ମଧ୍ୟରେ ଥିବା ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ, ଧୂପ, ଦୀପ ପ୍ରଜ୍ୱଳନ ପୂର୍ବକ ପୂଜାଅର୍ଚ୍ଚନା କରାଯାଇଥିଲା !ବିଂଶଶତାବ୍ଦୀର ମହାମାନବ, କୋଟି କୋଟି ନର ନାରୀଙ୍କର ହୃଦୟର ଦେବତା, ଦୀନ ଦରିଦ୍ର ବାନ୍ଧବ, ସତ୍ୟ, ଅହିଂସାର ପୂଜାରୀ ଗାନ୍ଧି ଓ ଶାସ୍ତ୍ରୀ ଙ୍କର ସ୍ମୃତି ଭାରତୀୟମାନଙ୍କ ମାନସପଟରେ ଚିର ଅମର, ଅମ୍ଳାନ ଓ ଅମଳିନ ହୋଇ ରହିବ।ଏ ମହାନ. ଜାତିର ଗଠନ, ଉନ୍ନୟନ, ଅଭିବୃଦ୍ଧି ସାଧନ ମୂଳରେ ନିହିତ ଏହି ମହାପୁରୁଷ ଦ୍ୱୟଙ୍କ ତ୍ୟାଗ, ନିଷ୍ଠା, ସାଧନା, ଓ ନିର୍ଦ୍ଦେଶନା ଅଦ୍ୟାବଧି ଶୁଦ୍ଧ ସୁବର୍ଣ୍ଣ ଭଳି ଜାଜ୍ଜ୍ୱଲ୍ୟମାନ ।ସୁତରାଂ ଗାନ୍ଧି ଓ ଶାସ୍ତ୍ରୀ ଜୀବନୀ ତଥା ଜୀବନାଦର୍ଶ ର ଅନୁଶୀଳନ ଏ ଜାତିର ଏକ ବିରାଟ କ▯ବ୍ୟ ବୋଲି ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଛାତ୍ର, ଛାତ୍ରୀଙ୍କୁ ଅଭିଭାଷଣ ରଖିଥିଲେ ।ଶିକ୍ଷକ କ୍ଷୀତଶ ସେନ, ଶିକ୍ଷୟିତ୍ରୀ ମମତା ମହାପାତ୍ର, ସତ୍ୟଭାମା ଦାସ, ଆରତୀ ପରିଡା, ଅନୁପମା ସେଠୀ,ଅଯୋଧ୍ୟା ଦାସ, ମଧୁମିତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗଣ୍ଡା ସମାଜ ତରଫରୁ ଜୁହାରନୀ କାର୍ଯ୍ୟକର୍ମ ଅନୁଷ୍ଠିତ

ରାଇଘର ବ୍ଲକ(ମହାଭାରତ) ଅନ୍ତର୍ଗତ ମୁଣ୍ଡିବେଡ଼ା ପଞ୍ଚାୟତ ବାଘବେଡା ତଥା କୁନ୍ଦେଇ ପଞ୍ଚାୟତ ସମ୍ବଲପୁର ଗ୍ରାମରେ ଗଣ୍ଡା ସମାଜ ତରଫରୁ ନୂଆଖାଇ ଜୁହାରନୀ ପାଳନ କରିଥିଲେ। ରାଇଘର ବ୍ଲକ ରେ ୨୬ ଗୋଟି ପଞ୍ଚାୟତର ଗଣ୍ଡା ସମାଜର ଛଟ ବଡ଼ ସମାଜ ପ୍ରେମୀ ଭାଇମାନେ ଉପସ୍ଥିତ ରହି ଧୁମ୍ ଧାମରେ ପାଳନ କରିଥିଲେ ଏବଂ ରାଇଘର ବ୍ଲକ ଗଣ୍ଡା ସମାଜର ବ୍ଲକ ସଭାପତି ରାଜେନ୍ଦ୍ର ନାଗେଶ ଉପ ସଭାପତି ନାରାୟଣ ସୁନାନୀ ସମ୍ପାଦକ ସାନ୍ତୁ ନଗେଶ ଉପ ସମ୍ପାଦକ ସୁରେଶ ଦୀପକ ଏବଂ ସମାଜର ସମାଜ ସେବୀ ବୁଦ୍ଧିଯିବି ମାନେ ଉପସ୍ଥିତ ରହିଥିଲେ ଶେଷରେ ପାରମ୍ପରିକ ନୃତ୍ୟ ସାଙ୍ଗକୁ ବିଭିଉ ପ୍ରକାର ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ସହ ସମସ୍ତେ ନୁଆଁଖାଇ ଥିଲେ। ଏବଂ ସମାଜକୁ ଆଗକୁ ଆଗେଇନେବାକୁ ଏବଂ ପିଲାଙ୍କ ଭଭିସତ ପାଇଁ କିଛି କରିବାପାଇଁ ଆଲଚନା କରା ଯାଇଥିଲା। କାର୍ଯ୍ୟକ୍ରମ ସାରିବା ପରେ ପ୍ରସାଦ ସେବନ କରିବାପରେ ଛଟ ମାନେ ବଡ଼ ମାଙ୍କୁ ଜୁହାର ଭେଟ ଲାଗିଥିଲେ ଏବଂ କାର୍ଯ୍ୟକ୍ରମ ସାରି ଯିଏ ଯାହାର ଘରେ ଯାଇଥିଲେ।

## ବେଧଡକ ଚାଲିଛି ମାଣ୍ଡିଆ ବିକ୍ରି

### ପଞ୍ଚାୟତ ସାରା ଘୁରି ବୁଲୁଛନ୍ତି ବେପାରୀ

କୋକସରା,(ମହାଭାରତ): ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ଏଣୁ, ପ୍ରତ୍ୟେକ ଗରିବ ପରିବାରକୁ ସରକାରଙ୍କ ପକ୍ଷରୁ ରାସନ କାର୍ଡ ପିଛା ୯ କେଜି ଲେଖାଏଁ ମାଣ୍ଡିଆ ମାଗଣାରେ ପ୍ରଦାନ କରାଯାଉ ଅଛି। ଯାହାକି ଗତ ୨୦୨୩ ଡିସେମ୍ବର ଏବଂ ଚଳିତ ଜାନୁୟାରୀ ମାସ ୨୦୨୪ ସୁଦ୍ଧା ବଣ୍ଟନ କରାଯିବା କଥା ବୋଲି ସୂଚନା ମିଳିଛି। ହେଲେ, ଉକ୍ତ ମାଣ୍ଡିଆ ସବୁକୁ ଏବେ ପଞ୍ଚାୟତରେ ଚଳିତ ସେପ୍ଟେମ୍ବର ମାସରେ ହିତାଧିକାରୀ ମାନଙ୍କୁ ବଣ୍ଟନ କରାଯାଉଛି। ହେଲେ ଉକ୍ତ ମାଣ୍ଡିଆ ସବୁକୁ ହିତାଧୀକାରୀ ମାନେ ସୁବିନିଯୋଗ ନକରି ତେଲ ଲୁଣ ଦରରେ ଦଲାଲ ହାତରେ ବିକ୍ରୀ କରି ମଦ୍ୟ ପାନ କରି ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିବା ମଧ ଦେଖିବାକୁ ମିଳିଛି। କୋକସରା ବ୍ଲକର ୨୨ ଟି ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଗ୍ରାମ ପଞ୍ଚାୟତ ମାନଙ୍କରେ ଏବେ ମାଣ୍ଡିଆ ଦିଆଚାଲିଛି। ତେବେ ପଞ୍ଚାୟତରେ ମଣ୍ଡିଆ ଦେବା ସମୟରେ ହିତାଧିକାରୀ ମାନଙ୍କ ପିଛା ଗୋଡାଉଛନ୍ତି ଦଲାଲ ବେପାରୀ ମାନେ। କିଲୋ ପିଛା ୧୫ ରୁ ୨୦ ଟଙ୍କାରେ ମାଣ୍ଡିଆ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛ। ପୁଣି ସେହି ଟଙ୍କାକୁ ମଦ ସଟା ରେ ଖର୍ଚ୍ଚ କରାଯାଉଅଛି ।ତେବେ ମାଣ୍ଡିଆର ପ୍ରକୃତ ମୂଲ୍ୟ ୩୫ ରୁ ୪୦ ଟଙ୍କା ରହିଛି। ହିତାଧୀକାରୀ ମାନଙ୍କୁ ପ୍ରଲୋଭନ ଦେଖାଇ ବେପାରୀ ମାନେ କମ ଦରରେ କିଣି ନେଇ ଯାଉଛନ୍ତି। ପୁଣି,ଖରା ଦିନରେ ମାଣ୍ଡିଆ ବଣ୍ଟନ କରାଯିବା କଥା ହେଲେ ଏଠି ସିତ ଋତୁରେ ମାଣ୍ଡିଆ ବଣ୍ଟନ କରାଯିବା କଥାକୁ ନେଇ ବୁଦ୍ଧଜୀବୀ ମହଲରେ ସମାଲୋଚନା ହୁଏ। ଏଣୁ ଏହା ଉପରେ ବ୍ଲକ୍ ଏବଂ ପଞ୍ଚାୟତ ପ୍ରଶାସନ ତତ୍ପରତା ଦେଖାଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

## କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା



କେନ୍ଦ୍ରାପଡ଼ା,(ମହାଭାରତ): ଆଜି ସକାଳ ୯ ଘଟିକା ସମୟରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସକାଳୁ ଗରାପୁର ଛକ ଗାନ୍ଧୀ ପୀଠରେ ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରି ଶତାଧିକ ଦଳୀୟ କର୍ମୀ ଓ ପଦାଧିକାରୀଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ପଦଯାତ୍ରା କରି ତିନିମୁହାଣୀସ୍ଥିତ ଦାଣ୍ଡି ଯାତ୍ରା ସ୍ମାରକୀ ପୀଠରେ ପହ▯ିଥିଲେ । ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ତିନିମୁହାଣୀଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାକୁ କେନ୍ଦ୍ରାପଡା ବ୍ଲକ ସଭାପତି ଆଲୋକ ସାହୁ ପରିଚାଳନା କରିଥିଲେ । ଏଥିରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଉଦ୍‌ବୋଧନ ଦେଇ ଗାନ୍ଧୀ ଚିନ୍ତା ଓ ଚେତନାରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ପରିପ୍ରେକ୍ଷୀରେ ଉଦ୍‌ବୋଧନ ରଖି ସେ କହିଥିଲେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାନ୍ଧୀବାଦରେ ବିଶ୍ୱାସ ରଖିବା ସହିତ ଭାରତର ସମ୍ବିଧାନର ମୁଖ ବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନିତ କରିବା ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ରଖିବା ତାଙ୍କର ଗାନ୍ଧୀଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧାର ପରିଚୟ ଦିଏ । ବିଜୁ ଜନତା ଦଳର ଜନ ମଙ୍ଗଳକାରୀ ଯୋଜନା ଗୁଡିକୁ ନେଇ ଲୋକମାନଙ୍କ ପାଖରେ ପହଁଚିବା ପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ ସଭାରେ ଜିଲ୍ଲାପରିଷଦର ସଭାପତି ଶ୍ରୁଶ୍ରୀ ଲିଲିତା ଦାସ, ପୌରାଧକ୍ଷା ସରିତା ସାହୁ, ବିଜେଡି ଜିଲ୍ଲା ସଭାପତି ଧିରେନ ସାହୁ, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ମାହାପାତ୍ର, ଜିଲ୍ଲା ମହିଳା ସଭାପତି ରୋସନା ସାହୁ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ନଗର ମହିଳା ସଭାପତି ସ୍ୱୟଂପ୍ରଭା କର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ଶିବ ପ୍ରସାଦ ଭୋଳ, କଳାକାର ମଲ୍ଲିକ, ଜିଲ୍ଲା ଯୁବ ସଭାପତି ରାଜେଶ ଦାସ, ଜିଲ୍ଲା ଛାତ୍ର ସଭାପତି ପ୍ରଦୀପ ସାହୁ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ରବି ସାମଲ, ରାଜୁ କୁବେର, ରାଜେଶ ପଣ୍ଡା, ରାଜେଶ ମହାନ୍ତି, ପୂର୍ବତନ କାଉନସିଲର ମୁକ୍ତାର ଖାଁ, ହିଫଜୁଲ ରହେମାନ, ଏସ୍‌କେ ଚନ୍ଦନ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ନିର୍ମଳା ମହାନ୍ତି , ପ୍ରିୟଦର୍ଶିନୀ ତରାଇ, ସଙ୍ଗମ ସାମଲ, ପ୍ରକାଶ ସାହୁ, ରତିକାନ୍ତ ସାମଲ, ପ୍ରଦ୍ୟୁମ୍ନ ଜେନା, , ଅନନ୍ତ ସେଠୀ, ଟୁକୁ ବିଶ୍ୱାଳ, ନାରାୟଣ ପରିଡା, ପ୍ରଭାତ ଉଡାଣ ସିଂ, ଅକ୍ଷୟ ମଳିକ, ସମିତି ସଭ୍ୟ ନିରଞ୍ଜନ ବାରିକ, ଶଶାଙ୍କ ଶେଖର ବିଶ୍ୱାଳ, ଅଭୟ କୁମାର ସ୍ୱାଇଁ, ରାମଚନ୍ଦ୍ର ସେଠୀ, ରଶ୍ମି ରଞ୍ଜନ ବେହେରା, ଧନେଶ୍ୱର ପ୍ରଧାନ, ବିଶ୍ୱଜିତ ମହାନ୍ତି, ଜ୍ୟୋତିରଞ୍ଜନ ପ୍ରଧାନ, ଅମ୍ବିକା ମଲ୍ଲିକ, ଲୋପାମୁଦ୍ରା ବାରିକ, ସବିତା ସାହୁ, ମିନତୀ ପରିଡା, ଭକ୍ତିମୟୀ କର, ସମ୍ବିତ ଶ୍ରୀଚନ୍ଦନ, ମୁନା ପରିଡା, ବିଜୟ ମଣ୍ଡଳ, ଅଶିତ୍‌ବନ୍ଧୁ ଧଳ, ମାନସ ଦାସ, ସାହେବ ସହଲି ଦାସ, ମୃତ୍ୟୁଞ୍ଜୟ ମହାନ୍ତି, ଲୋହିତ ମହାନ୍ତି, ମହନି ଆଚାର୍ଯ୍ୟ, ତ୍ରିଲୋଚନ ପାତ୍ର, ବାସୁଦେବ ଜେନା, ଅଦୈତ ଜେନା, ସୁଦାମ ବେହେରା, ଚିତ୍ତ ସାହୁ, ମନାନ ବେଗ, ଚିତ୍ରସେନ ପରିଡା, ଅଶ୍ୱିନି ପାତ୍ର, କାଉନ୍‌ସିଲର ଉମେଶ ନାୟକ, ସୁଭାଶିଷ ପଣ୍ଡା, ନିରାକର ସ୍ୱାଇଁ, ପ୍ରଦୀପ୍ତ ଜେନା, ନାରାୟଣ ସାହୁ, ପ୍ରଭାତ ମଳିକ, ଲକ୍ଷ୍ମଣ ଦାସ, ପ୍ରମୋଦ ଲେଙ୍କା ଓ ସମସ୍ତ ପୌର ସଭ୍ୟ/ସଭ୍ୟା ଓ ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ/ସଭ୍ୟା, ପଞ୍ଚାୟତ ସଭାପତି ଉପସ୍ଥିତ ଥିଲେ । ଶେଷରେ ନଗର ବିଜେଡି ସଭାପତି ଯଯାତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଳା ମେଡିକାଲରେ ଖୋଲିଲା ଶୀତତାପ ନିୟନ୍ତ୍ରିତ କେବିନ୍

ଉଦଳା, (ମହାଭାରତ ) ଉଦଳା ହସପିଟାଲ ପରିସରରେ ନବର୍ନିମିତ ଦୁଇ ଗୋଟି କେବିନକୁ ଉଦଳା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସୁବାସିନୀ ବେହେରାଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି ।ସ୍ୱର୍ଗତ ପିତା ଚିନ୍ତାମଣୀ ବେହେରା, ମାତା ଆଶାମଣୀ ବେହେରା, ସ୍ୱାମୀ ମଦନ ମୋହନ ପୁଥାଳ, ପୁତ୍ର ଅକ୍ଷୟ କୁମାର ପୁଥାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୀତତାପ ନିୟନ୍ତ୍ରିତ ଦୁଇ ଗୋଟି କେବିନ୍ କୁ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଶୁଭ ଉଦଘାଟନ କରିଥିଲେ ।ଉକ୍ତ ଉଦଘାଟନ ଉତ୍ସବରେ ସ୍ଥାନୀୟ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡା, ପୂର୍ବତନ କାଉନସିଲର ପ୍ରଭାତ କୁମାର ପରିଡା ଉପସ୍ଥିତ ରହି ଶ୍ରୀମତୀ ବେହେରାଙ୍କର ଏଭଳି ପ୍ରୟାସକୁ ବକ୍ତବ୍ୟରେ ପ୍ରଶଂସା କରିଥିଲେ । ଶ୍ରୀମତୀ ବେହେରା ଶୀକ୍ଷା ବିଭାଗରୁ ଅବସର ନେବା ପରେ ନିଜର ସଞ୍ଚୟିତ ଅର୍ଥ ଖର୍ଚ୍ଚ କରି ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କର ହିତ ଉଦ୍ଦେଶ୍ୟରେ ଏହି ଦୁଇଟି କେବିନ୍ କରିଥିଲେ । ଉକ୍ତ ଉଦଘାଟନ ଉତ୍ସବକୁ ସଫଳ କରିବାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପରିବେଶବି କୁଳମଣୀ ବେହେରା, ଶ୍ରୀ ବିଦ୍ୟା ମେମୋରିଆଲ ଟ୍ରଷ୍ଟର ଅଧକ୍ଷ ଦୁଳମଣୀ ପୁହାଣ ପ୍ରମୁଖ ସହଯୋଗ କରିଥିଲେ । ଏହି ଦୁଇ ଆଗାମୀ ଦିନରେ ଉଦଳା ମେଡିକାଲରେ ବିଭିନ୍ନ ସମୟରେ ଦେଖାଯାଉଥିବା ଶଯ୍ୟା ଜନିତ ସମସ୍ୟାକୁ ଦୂର କରିବା ସହିତ ରୋଗୀମାନେ ସଠିକ୍ ସେବା ପାଇପାରିବେ ବୋଲି କହିଛନ୍ତି ଡାକ୍ତରଖାନାର ଅଧକ୍ଷ ଡା. ଲକ୍ଷ୍ମୀକାନ୍ତ ପତି।

## ସିମେଣ୍ଟ ବୋଝେଇ ଟ୍ରକ ଓଲଟି ୮ ଶ୍ରମିକ ଆହତ ୪ ଗୁରୁତର

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭୀମକୁଣ୍ଡ-କେନ୍ଦୁଜିଆଣି ରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ ସିମେ□ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଟ୍ରକରେ ବସି ଅସୁଥିବା ଶ୍ରମିକଙ୍କ ମଧ୍ୟରୁ ୮ ଜଣ ଆହତ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି ।ଘଟଣାସ୍ଥଳ ରୁ ସମସ୍ତଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଏକ ପିକଅପ ଗାଡି ରେ ସେମାନଙ୍କୁ ଆଣି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଛନ୍ତି। ଗୁରୁତର ଥିବା ୪ ଜଣକୁ ପ୍ରାଥମିକ ଚିକିତ୍ସା ପରେ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡବନ୍ଧ ଗ୍ରାମରୁ ଏକ ସିମେଣ୍ଟ ବୋଝେଇ ଗାଡ଼ିରେ ବସି ଶ୍ରମିକ ମାନେ କେନ୍ଦୁଜିଆଣି ନିକଟ ସରୁବିଲ ଓ ଅସନବଣି ଗ୍ରାମକୁ ଆସୁଥିଲେ। ଅସୁଥିବା ସମୟରେ କେନ୍ଦୁଜିଆଣି ନିକଟ ଯୋଡିବିଲ ଗ୍ରାମ ନିକଟରେ ଟ୍ରକ ଟି ଭାସରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଦୁର୍ଘଟଣା ରେ ଟ୍ରକ ଡ୍ରାଇଭର ଶଙ୍କର ବାସ୍କେ ଙ୍କ ସମେତ ସାରୁବିଲ ଗ୍ରାମର ଜୟସିଂ ମାରାଣ୍ଡି ଓ ଅସନବଣି ଗ୍ରାମର ଅଜୟ ହୋ ଓ ରଘୁ ମାଝୀ ଙ୍କୁ ଗୁରୁତର ଅବସ୍ଥା ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରାଯାଇଛି । ସେହିପରି ଅସନବଣି ଗ୍ରାମର ଚନ୍ଦ୍ର ମାଝୀ, ସମାୟ ଟୁଡୁ,ରାମଚନ୍ଦ୍ର ମାଝୀ, ରାମ ମାରାଣ୍ଡି,ଓ ସାରୁବିଲ ଗ୍ରାମର ଜୟସିଂ ମାରାଣ୍ଡି,ଖୁଦୁ ମାରାଣ୍ଡି,ପରେଶ ଚନ୍ଦ୍ର ସରେନ,ଚୁଡ଼ିଆ ମାଝି ଆହତ ଅବସ୍ଥାରେ ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହେଉଛନ୍ତି।

## ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟ କ୍ରମ



କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲା ରୁ ମୃତ୍ୟୁଞ୍ଜୟ ଦିଗାଲ ଙ୍କରିପୋର୍ଟ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଉତ୍କଳ ମଣି ଯୁବକ ସଂଘ, ଦୂତିମେଣ୍ଡି ତରଫ ରୁ ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ ଅବସର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀ ବୀରେନ୍ଦ୍ର କହଁର, ସମ୍ମାନୀତ ଅତିଥି ଶ୍ରୀ ସତ୍ୟବାନ୍ ଦଳବେହେରା ନେହେରୁ ଯୁବ କେନ୍ଦ୍ର ସଂଯୋଜୋକ ଫୁଲବାଣୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମ ରେ ରାସ୍ତାଘାଟ, ଯାତ୍ରୀ ବିଶ୍ରାମ ଗୃହ ପରିଷ୍କାର, ପଞ୍ଚାୟତ, ମନ୍ଦିର ପରିସର ଆଦି ଜନ ଗହଳି ସ୍ଥାନ ରେ ସଫେଇ ହୋଇଥିଲା,। ସଂଯୋଯୋକ ଶ୍ରୀ ଦଳବେହେରା ସଫେଇ ନିମନ୍ତେ ସଂଘ ର ସମସ୍ତ କର୍ମକର୍ତ୍ତା ଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯକ୍ରମ ରେ ସଂଘ ସଭାପତି ଶ୍ରୀ ଦେବରାଜ ମୁଖୀ,ସମ୍ପାଦକ ସମୀର ପ୍ରସାଦ ଝାଙ୍କର,ଚଂଦ୍ର ଶେଖର କହଁର, ସୁଧାକର ସେଠୀ,ମଣ୍ଟୁ, ରୁନା, ଭିକି, ଟିକୁନ୍, ଗଗନ ପ୍ରମୁଖ ସଂଘ ସଦସ୍ୟ ଯୋଗ ଦେଇ ଥିଲେ।

## ଅସହାୟ ପରିବାରକୁ ସହାୟତା ପାଇଁ ନିବେଦନ

କନ୍ଧମାଳ (ମହାଭାରତ ): ସତେରେ କିଛି ଲୋକ ମାନଙ୍କୁ ବିଧାତା ଦାଉ ସାଧିଲା ପରି ଦୁଃଖ ଉପରେ ଦୁଃଖ ଦେଇ ଚାଲିଥାଏ ।ଏହି ପରି କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦୁତୀମେଣ୍ଡି ପଞ୍ଚାୟତ ମଲିକ ସାହି ଗ୍ରାମର ଜମ୍ଭେଶ୍ୱର ସେଠୀଙ୍କ ପରିବାରରେ ଦେଖି ବାକୁ ମିଳିଛି ।ସୂଚନା ପ୍ରକାରେ ଜମ୍ଭେଶ୍ୱର ଜଣେ ଦିନ ମଜୁରୀଆ ହୋଇ ଥିବା ବେଳେ ତାଙ୍କର ବୟସ ୮୦ ବର୍ଷ ହେବ ନିଜେ ଚଳିବା ପାଇଁ ଅସମର୍ଥ ତାଙ୍କର ସ୍ତ୍ରୀ ୩ ମାସ ତଳେ ମୃତ୍ୟୁ ବରଣ କରି ଚାଲିଗଲେ । ତା'ପରେ ତା'ର ପୁଅ ଗୋପବନ୍ଧୁ ସେଠୀ ୫ ବର୍ଷ ହେବ କିଡିନୀ ରୋଗରେ ପୀଡିତ ଥିଲେ ଫୁଲବାଣୀ, ଭୁବନେଶ୍ୱର ଓ କଟକ ମେଡିକାଲ ଯାଇ ଚିକିତ୍ସା ହୋଇ ଶେଷରେ ଏହି ସେପ୍ଟେମ୍ବର ମାସର ୨୫ ତାରିଖ ଦିନ ଫୁଲବାଣୀ ମେଡିକାଲରେ ମୃତ୍ୟୁବରଣ କଲେ । ତାଙ୍କର ପୁଅ ବୋହୁ ମାସେ ପୂର୍ବରୁ କୁଆଡ଼େ ଚାଲିଯାଇଥିବା ବେଳେ ବର୍ତ୍ତମାନ ନିଜର ସ୍ତ୍ରୀକୁ ହରାଇ ଦୁଃଖରେ ଭାଙ୍ଗି ପଡିଥିବା ଜମ୍ଭେଶ୍ୱରଙ୍କୁ ପୁଅ ମଧ୍ୟ ଏକା କରି ଛାଡି ଆରପାରିକୁ ଚାଲିଗଲା ଏବେ ଦୁଇ ନାତି ସମ୍ବିତ ସେଠୀ(୧୩) ଶେଖର ସେଠୀ



(୭)କୁ ଧରି କିପରି ପୁଅର ଶୁଦ୍ଧି କ୍ରିୟା ସମାପନ କରି ବଞ୍ଚିବ ସେଥିପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି ତାଙ୍କର ଜୀବନରେ। ତେଣୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଜ ସେବୀ , ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରଙ୍କୁ ସହାୟତା ପାଇଁ ଅନୁରୋଧ କରି ଛନ୍ତି ଜମ୍ଭେଶ୍ୱର ସେଠୀ ।

## .ଆଇଓସିଏଲ ପାରାଦୀପ ରିଫାଇନରୀରେ ଗାନ୍ଧୀ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଦିବସ ପାଳିତ

ପାରାଦୀପ (ମହାଭାରତ): ମହାତ୍ମା ଗାନ୍ଧୀଙ୍କ ୧୫୫ ତମ ଜନ୍ମ ବାର୍ଷିକୀ ଦେଶଭକ୍ତି ଏବଂ ଉତ୍ସାହ ସହିତ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ଅଧିକାରୀ, ସଂଗଠନର ସଦସ୍ୟ ତଥା ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନେରୀ ପ୍ରମୁଖ କୌଶିକ ବସୁ ଗାନ୍ଧୀ ଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗାନ୍ଧିଜୀଙ୍କ ଶିକ୍ଷାକୁ ମନେ ପକାଇ ଶ୍ରୀ ବସୁ କହିଥିଲେ ଯେ ସରଳତା, ସତ୍ୟ ଏବଂ ଅହିଂସା ପରି ମୂଲ୍ୟ ଗୁଡିକ ସମୟ ପରୀକ୍ଷିତ ଏବଂ ଚିରସ୍ଥାୟୀ ଅଟେ । ମହାତ୍ମା ଗାନ୍ଧୀ ସ୍ୱଚ୍ଛତାର ଜଣେ ଦୃଢ ପ୍ରୋତ୍ସାହକ ଥିଲେ ଏବଂ ଆମେ ସମସ୍ତେ ଆମର ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାର ମୂଲ୍ୟବୋଧକୁ ଉପଲବ୍ଧି କରିବା ଉଚିତ ବୋଲି କହିବା ସହ ଶ୍ରୀ ବସୁ ସମସ୍ତଙ୍କୁ ସ୍ୱଚ୍ଛତାର ଶପଥ ପାଠ ମଧ୍ୟ କରାଇଥିଲେ । ଏହି ଅବସରରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିବା ପାଇଁ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସ୍ୱଚ୍ଛତାର କେନ୍ଦ୍ରୀୟ ବିଷୟବସ୍ତୁ ଉପରେ ଏକ ନୁକ୍କଡ଼ ନାଟକ ପରିବେଷଣ କରାଯାଇଥିଲା ଓ ସ୍ୱଚ୍ଛତା ହିଁ ସେବା ଅଭିଯାନର ସମାପନକୁ ଚିହ୍ନିତ କରି ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ଦିବସ ଭାବରେ ପାଳନ କରାଯାଇଥିଲା ।

## ମା ସୁରାଦେଇ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

କନ୍ଧମାଳ (ମହାଭାରତ) : କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ମାଁ ସୁରାଦେଇ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ସଭାପତି ବିମଳ ମଲ୍ଲିକ ଓ ସାଧାରଣ ସମ୍ପାଦକ ବୁଦ୍ଧିଆଗଣ୍ଡାଙ୍କ, ଡଃ ସୂର୍ଯ୍ୟ ନାରାୟଣ ବେହେରାଙ୍କ ନେତୃତ୍ୱରେ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଉମା ଚରଣ ମଲ୍ଲିକ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନା, ଫ୍ରେଣ୍ଡ୍ କ୍ଲବର ଗୁରୁଦ୍ୱୟ ଅବସରପ୍ରାପ୍ତ ଶିକ୍ଷକ ଦଶରଥ ସାହୁ,ଶୁଶିଳ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର, ବରିଷ୍ଠ ସାମ୍ବାଦିକ ସୁନୀଲ ବିଶ୍ୱାଳ,ଆଦିତ୍ୟ ପ୍ରସାଦ ତ୍ରିପାଠୀ ଆର ଆଇ ଜୟନ୍ତ ସାହୁ, ଗୀତିକାର ଜଳନ୍ଧର ବେହେରା ଯୋଗ ଦେଇ ଥିଲେ। ଆଜିର ଏହି ପବିତ୍ର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଓ ସ୍ମୃତି



ଉଦ୍ଦେଶ୍ୟରେ ତାଙ୍କର ଆଦର୍ଶ ଓ ଗୁଣାବଳୀକୁ ମନ ପକାଇବା ପାଇଁ ଏହି ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପ୍ରତିବର୍ଷ ଅକ୍ଟୋବର ୨ ରେ ପାଳନ କରାଯାଏ। ମହାତ୍ମା ଗାନ୍ଧୀ ଜାତିର ପିତା ଭାବରେ ଜଣାଶୁଣା ଗାନ୍ଧୀ ବ୍ରିଟିଶ ଶାସନରୁ ଭାରତକୁ ସ୍ୱାଧୀନତା ଆଣିବା ସଂଗ୍ରାମରେ ଅଗ୍ରଣୀ ଥିଲେ। ତାଙ୍କର ଅହିଂସା ପ୍ରତିରୋଧ, ସ୍ୱଚ୍ଛତା ରକ୍ଷା କରିବା, କିମ୍ବା ସତ୍ୟାଗ୍ରହ , ବିଭିନ୍ନ ପୃଷ୍ଠଭୂମିରୁ ଲୋକଙ୍କୁ ଏକତ୍ରିତ କରିଥିଲେ। ସେହିପରି ପୁଣ୍ୟାତ୍ମାଙ୍କ ଜନ୍ମତିଥି ରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିବା ସଙ୍ଗେ ସଙ୍ଗେ ମା ସୁରା ଦେଇ ଫ୍ରେଣ୍ଡସ କ୍ଲବକୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ସମୟରେ ଶିକ୍ଷା ପ୍ରଦାନ କରିଥିବାରୁ ଫ୍ରେଣ୍ଡସ୍ କ୍ଲବ ଗୁରୁ ମାନେ ଛାତ୍ର ମାନଙ୍କର ଏହି ମହତ କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ । ସଭାପତି ସମ୍ପାଦକ ସମେତ କ୍ଲବର ଉପସଭାପତି ସୁଧାଂଶୁ କୁମାର ବେହେରା, ତରଣୀସେନ ମଲିକ,ଅମର କହଁର,ଜଗନ୍ନାଥ ଯାନୀ, ସୁଶୀଳ ବେହେରା, ପ୍ରଦୀପ ଦିଗାଲ, ରବିନ୍ଦ୍ର ବେହେରା, ସୁଶାନ୍ତ ପଣ୍ଡା, ଶୁଭେନ୍ଦୁ, ନୀଳାଞ୍ଚଳ,ପ୍ରଭାତ ବେହେରା ଓ ଫ୍ରେଣ୍ଡସ କ୍ଲବ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଖଜୁରୀପଡା ସହର ବଣିକ ସଂଘ ସଭାପତି ମନୋଜ ପଣ୍ଡା ଓ ମାଁ ସୁରାଦେଇ ମହିଳା ଗ୍ରୁପ, ଆଶାକର୍ମୀ ଖଜୁରିପଡା, ମା ଶାରଳା ଗ୍ରୁପ,ଶ୍ରୀ ଲକ୍ଷ୍ମୀ, ଶୁଭଶ୍ରୀ ମହିଳା ଗ୍ରୁପ, ଜୟ ଜଗନ୍ନାଥ, ଗାନ୍ଧାରୀ ଗ୍ରୁପ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଖଜୁରିପଡା ସହର ସମସ୍ତ ଅଫିସ, ବଜାରରେ ସଫା କରା ଯିବା ସହିତ ମାଁ ସୁରା ଦେଇ ପୀଠ ସମନାରେ ବୃକ୍ଷ ରୋପଣ କରାଯାଇଥିଲା । ସ୍ୱଚ୍ଛତା ଓ ବୃକ୍ଷ ରୋପଣ କାର୍ଯ୍ୟ ପରେ କ୍ଲବ ତରଫରୁ କଲ୍ୟାଣୀ ମଣ୍ଡପ ଠାରେ କରାଯାଇଥିବା ଭୋଜନ ବ୍ୟବସ୍ଥା କୁ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ସଂଗଠନ ର ଏହିଭଳି କାର୍ଯ୍ୟକ୍ରମକୁ ସରକାରୀ କର୍ମଚାରୀ ଓ ସହରର କୋଣ ଅନୁକୋଣ ର ଜନସାଧାରଣ ବୁଦ୍ଧିଜୀବୀ ମାନେ ଭୁରି ଭୁରି ପ୍ରସଂଶା କରିଥିଲେ। ଶେଷରେ ନିମନ୍ତ୍ରିତ ଅତିଥି ଓ ସହଯୋଗୀ ମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସାଫଲ୍ୟ ମଣ୍ଡିତ କରିଥବାରୁ ଫ୍ରେଣ୍ଡସ କ୍ଲବ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଡି.ଏ.ଭି. ପବ୍ଲିକ୍ ସ୍କୁଲ୍, ପାରାଦ୍ୱୀପ ପୋର୍ଟରେ ଗ୍ରାଣ୍ଡ ଅଭିଭାବକ ଦିବସ ପାଳିତ

ପାରାଦୀପ (ମହାଭାରତ): ପାରାଦାପ ପୌରା□ଳରେ ଅବସ୍ଥିତ ଡି.ଏ.ଭି. ପବ୍ଲିକ୍ ସ୍କୁଲ୍, ପାରାଦ୍ୱୀପ ପୋର୍ଟ ରେ ଅଭିଭାବକ ଦିବସ ପାଳିତ ହୋଇଯାଇଅଛି । ଏହି ଦିବସରେ ପିପିଏଲ ଡିଏଭି ସ୍କୁଲର ଅଧକ୍ଷ ସଞ୍ଜୀବ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହିତ ଡ଼ି.ଏ.ଭି. ସଂଗୀତ ଗାନ କରାଯାଇଥିଲା । ଏହି ଦିବସଟି ଛାତ୍ରଛାତ୍ରୀ ମାନଙ୍କର ପିତାମାତା ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା । ସେମାନଙ୍କର ଜୀବନର ଅପରାହ୍ନରେ ସେମାନଙ୍କୁ ସ୍ୱାଗତ ସଂଗୀତ ଗାନ କରିବା ସହ ପୁଷ୍ପଗୁଚ୍ଛ ଅର୍ପଣ ସହ ସ୍ୱାଗତ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ




ରଖିଥିଲେ । କୁନି କୁନି ପିଲାମାନେ ସେମାନଙ୍କ ଜେଜେ ଓ ଜେଜେମାଆଙ୍କ ଉଦ୍ଦେଶ୍ୟର ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ ଓ ବୃଦ୍ଧ ଜେଜେ ଓ ଜେଜେମାଆଙ୍କର ଅଭିଜ୍ଞତା ଓ ଅନୁଭୂତିକୁ ଆକଳନ ନିମନ୍ତେ ଏକ ସୁନ୍ଦର ଆକର୍ଷଣୀୟ ପ୍ରତିଯୋଗିତା କରାଯାଇଥିଲା । ଯେଉଁଥିରେ ସେମାନେ ଅଂଶଗ୍ରହଣ କରିଥିଲେ ଓ ପୁରସ୍କୃତ ହୋଇଥିଲେ । ସେମାନେ ନିଜର ପିଲାଦିନର ସ୍ମୃତିକୁ ମନେପକାଇ ଆନନ୍ଦ ଉପଭୋଗ କରିଥିଲେ ଓ ସର୍ବଶେଷରେ ଶ୍ରୀମତୀ ରାଜଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଖଡ଼ିଆଳ:(ମହାଭାରତ): ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ଏବଂ ଯୁକ୍ତ ଦୁଇର ଜାତୀୟ ସେବା ଯୋଜନା ତରଫରୁ ମହାତ୍ମାଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ପୁଣ୍ୟ ଜନ୍ମ ତିଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯୁକ୍ତ ତିନି ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ.ସୁରଞ୍ଜନ ପ୍ରଧାନ ଏବଂ ଯୁକ୍ତ ଦୁଇ କାର୍ଯ୍ୟକମ ଅଧିକାରୀ ଅଧ୍ୟାପକ ଶୁଭେନ୍ଦୁ ନିଆଲଙ୍କ ସହଯୋଗରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ଡ.ରାମଚନ୍ଦ୍ର ମିଶ୍ର ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଓଡିଆ ଅଧ୍ୟାପକ ରମାକାନ୍ତ ସିଂହ ସାହାଣୀ, ପ୍ଲତ□ ବିଭାଗ ଅଧ୍ୟାପକ ଖଗେଶ୍ୱର ଭୋଇ ପ୍ରମୁଖ ମଞ୍ଚାସୀନ ହୋଇଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଡ.ମିଶ୍ର ମହାତ୍ମାଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଦେଶସେବା ,ତ୍ୟାଗ ଓ ଅହିଂସା ବିଷୟ ତଥା ଜାତୀୟ ସେବା ଯୋଜନାର ସୃଷ୍ଟି, କାର୍ଯ୍ୟାବଳୀ ଏବଂ ଲକ୍ଷ୍ୟ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିବାବେଳେ ଛାତ୍ରଛାତ୍ରୀ ମାନଙ୍କ ଉତ୍ତମ ଚରିତ୍ର, ସୁବ୍ୟକ୍ତିତ୍ୱ ଏହ ଜାତୀୟ ସେବା ଯୋଜନାରେ ସକ୍ରିୟ ଅଂଶଗ୍ରହଣ କିପରି କରିବେ ବିଷୟରେ ଉତ୍ସାହିତ କରିଥିଲେ ।ଏହା ସହ ଯୁକ୍ତ ଦୁଇ କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ଶୁଭେନ୍ଦୁ ନିଆଲ, ଅଧ୍ୟାପକ ସାହାଣୀ ଏବଂ ଅଧ୍ୟାପକ ଭୋଇ ମଧ୍ୟ ଜାତୀୟ ସେବା ଯୋଜନା ତଥା ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଉଦଳା ବ୍ଲକ୍ ଏବଂ ଏନ୍.ଏ.ସି. ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଉଦଯାପିତ

ଉଦଳା (ମହାଭାରତ - ସମଗ୍ର ରାଜ୍ୟରେ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିଥିବା ସ୍ୱଚ୍ଛତା ହିଁ ସେବା ପକ୍ଷ କାର୍ଯ୍ୟକ୍ରମ ଆଜି ଉଦଳା ବ୍ଲକ୍ ଏବଂ ଏନ୍.ଏ.ସି. ତରଫରୁ ଉଦ୍ୟାପିତ ହୋଇଯାଇଛି ।ସର୍ବପ୍ରଥମେ ଉଦଳା ବ୍ଲକ୍ ପରିସରରୁ ଦିବା ୯ ଘଟିକା ସମୟରେ ଏକ ସ୍ୱଚ୍ଛ ଭାରତ ଅଭିଯାନ ଶୋଭାଯାତ୍ରା ବାହାରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଏବଂ ବିଡ଼ିଓ ଉଦଳା ତୃପ୍ତି ବରାଇ ଉପସ୍ଥିତ ଥିଲେ। ଶୋଭାଯାତ୍ରା ପରେ ଉପସ୍ଥିତ ଅତିଥି ସ୍ୱଚ୍ଛତା ଉପରେ ନିଜ ନିଜର ବକ୍ତବ୍ୟ ରଖିବା ପରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ଲକ୍ କାର୍ଯ୍ୟକ୍ରମ ପରିସମାପ୍ତି ପରେ ଦିବା ୧୦ ଘଟିକା ସମୟରେ ଉଦଳା




ଏନ୍.ଏ.ସି. ପରିସରରୁ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ ଓ ଏନ୍.ଏ.ସି. କର୍ମଚାରୀ ଆଦିକୁ ନେଇ ଏକ ସ୍ୱଚ୍ଛ ଉଦଳା, ସୁସ୍ଥ ଉଦଳା ଶୋଭାଯାତ୍ରା ସହର ପରିକ୍ରମାରେ ବାହାରିଥିଲା। ଶୋଭାଯାତ୍ରା ପରିସମାପ୍ତି ପରେ ଉଦଳା ଏନ୍.ଏ.ସି. ତରଫରୁ ସନ୍ଧାନ ଗୃହ ଉଦଳା ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମରେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ଅତିଥି ଭାବେ ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା, ଉପାଧକ୍ଷା ଲିଲି ଭୋଳ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ତଥା ବିଭିନ୍ନ ୱାର୍ଡର କାଉନସିଲର ଆଦି ଯୋଗଦେଇଥିଲେ। ପ୍ରତ୍ୟେକ ଘରୁ ବାହାରୁଥିବା ସୁଖିଲା ଏବଂ ଓଦା ବର୍ଜ୍ୟ ବସ୍ତୁକୁ ଅଲଗା କରି ରଖିବା ଏବଂ ସଂଗ୍ରହ କରିବାକୁ ଯାଉଥିବା ଏନ୍.ଏ.ସି. କର୍ମଚାରୀଙ୍କୁ ପ୍ରଦାନ କରିବା ଉପରେ ଏନ୍.ଏ.ସି. ଅଧକ୍ଷା ଗୁରୁତ୍ୱାରୋପ କରି କହିଥିଲେ କି ଏହା ଦ୍ୱାରା ପ୍ରକ୍ରିୟା କରଣରେ ବାଧା ଉପୁଜିବ ନାହିଁ । ସର୍ବଶେଷରେ ଏନ୍.ଏ.ସି.ର ସଫେଇ କର୍ମଚାରୀ ମଣ୍ଟୁ ମୁଖୀଙ୍କୁ ଶ୍ରେଷ୍ଠ ସଫେଇ କର୍ମଚାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।ଉଦଳା ଏନ୍.ଏ.ସି. ତରଫରୁ ଆୟୋଜିତ ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ଠାକୁରମୁଣ୍ଡା ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

କରଞ୍ଜିଆ, (ମହାଭାରତ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଠାରେ ନବ ନିର୍ମିତ ଏକଲବ୍ୟ ମଡେଲ ଆବାସିକ ସ୍କୁଲ କୁ ଗୁରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଦ୍ୱାରା ଅଭାଷୀ ମାଧ୍ୟମରେ ଉଦଘାଟିତ ହୋଇଯାଇଛି ।ପ୍ରଧାନମନ୍ତ୍ରୀ ଝାରଖଣ୍ଡ ର ଏକ ଏକଲବ୍ୟ ମଡେଲ ସ୍କୁଲ ଉଦଘାଟନ ଅବସର ରେ ମୟୁରଭଞ୍ଜ ଜିଲ୍ଲା ର ଅନ୍ୟ ୫ ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସହିତ ଠାକୁରମୁଣ୍ଡା ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କୁ ଅଭାସି ମାଧ୍ୟମ ରେ ଦିନ ୩ ଘଟିକା ସମୟରେ ଉଦଘାଟନ କରିଥିଲେ। ଏହି ଅବସର ରେ ଠାକୁରମୁଣ୍ଡା ନିକଟ ସାତକୋଶିଆ ଠାରେ ଥିବା ଏକଲବ୍ୟ ମଡେଲ ସ୍କୁଲ ପରିସର ରେ ଆୟୋଜିତ ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଜଙ୍ଗଲ ଓ ପରିବେଶ ,ଶ୍ରମ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ,କରଞ୍ଜିଆ।



ଉପଜିଲ୍ଲାପାଳ ପ୍ରେମାନଶୁ ଚନ୍ଦ,ପିଏ ଆଇ ଟି ଡିଏ ପ୍ରବୀଣ କୁମାର ବାଣୁଆ, ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ବ୍ଲକ ଉପାଦକ୍ଷ ସନ୍ତୋଷ କୁମାର ମହାନ୍ତ,ସାତକୋଶିଆ ସରପ□ ଚନ୍ଦମଣି ଜାରିକା, ଏକଲବ୍ୟ ମଡେଲ ସ୍କୁଲ ର ଅଧକ୍ଷ ପ୍ରଶାନ୍ତ କୁମାର କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଦ୍ୟାଳୟ ପରିସର ରେ ନାମ ଫଳକ କୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ରେ ସ୍ଥାନୀୟ ବିଡ଼ିଓ ସପ୍ନେଶ୍ୱର ବେହେରା,ତହସିଲଦାର ସୁଶ୍ରୀ ସୁପ୍ରିୟା, ବିଜେପି ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଙ୍କ ଉଦଘାଟନ କାର୍ଯ୍ୟକ୍ରମ ରେ ଅଭିଭାବକ,ସ୍ଥାନୀୟ ଲୋକ ମାନେ ଉପସ୍ଥିତ ରହି ଅଭାସି ମାଧ୍ୟମ ରେ ପ୍ରଧାନମନ୍ତ୍ରୀ ଙ୍କ ଉଦଘାଟନ କାର୍ଯ୍ୟକ୍ରମ କୁ ଦେଖିଥିଲେ। ଉଦଘାଟନ ଅବସର ରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦଘାଟନ ହୋଇଥିବା ଏହି ବିଦ୍ୟାଳୟ ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାର ଦେଖିବାକୁ ମିଳିଥିଲା। ଏହି ବିଦ୍ୟାଳୟ ରେ ନାମ ଲେଖା ହେଇଥିଲେବି ୯୦ କିମି ଦୂର କପ୍ତିପଦା ବେଲଡିହା ଠାରେ ପାଠ ପଢା ଚାଲିଛି ଏ ବିଷୟରେ ମନ୍ତ୍ରୀ ଓ ବିଧାୟକ ଙ୍କୁ ପଚରିବାରୁ ଅହୁରି ୬ ମାସ ସମୟ ଲାଗିବ ସମ୍ପୂର୍ଣ ହେବାକୁ ପ୍ରତିକ୍ରିୟା ରେ କହିଛନ୍ତି ।

# ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ




## ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମ ଉଦଘାଟିତ



ଲାଞ୍ଜିଗଡ,(ନିପ୍ର): ଲାଞ୍ଜିଗଡ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଆଜି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବ୍ଲକସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ରୋଗୀ କଲ୍ୟାଣ ସମିତିର ସଦସ୍ୟ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ ଯୋଗ ଦେଇ ଥିଲେ। ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଭବାନୀ ଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୟସ୍କ ବ୍ୟକ୍ତିମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବା ସହିତ ଅତିଥିମାନଙ୍କ ଦ୍ୱାରା ବିସିଜି ଟୀକାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ବିପିଏମ ମାନସ ରଞ୍ଜନ ସ୍ୱାଇଁ, ଜନ ସ୍ୱାସ୍ଥ୍ୟ ଅଧିକାରୀ ଦିବାକର ପ୍ରଧାନ, ମ୍ୟାନେଜର ମିତ୍ରଭାନୁ ଦାସ, ମକରଧ୍ୱଜ ନାୟକ, ପ୍ରେମ ପାଣିଗ୍ରାହୀ, ବାଙ୍କ ଦୁର୍ଗା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ବହୁ ସଂଖ୍ୟାରେ ଆଶା କର୍ମୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଅସ୍ଥାୟୀ ହାଟ

**ମାଲକାନଗିରି,(ନିପ୍ର):** ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲା ହୋଇଥିବା ବେଳେ ସେଠାରେ କୁନି କୁନି ପିଲାଙ୍କୁ ହାଟ ବଜାର ଓ କ୍ୟାସଲେସ ବଣିଜ ବିଷୟରେ ଅବଗତ କରାଇବା ପାଇଁ ବିଭିନ୍ନ ବିଦ୍ୟାଳୟରେ ଅସ୍ଥାୟୀ ହାଟର ଆୟୋଜନ କରାଯାଇଛି। ଯେଉଁଥିରେ ନିଜେ କିଛି କୁନି କୁନି ପିଲାଏ ବ୍ୟବସାୟୀ ପାଲଟିଥିବାବେଳେ ଗ୍ରାହକ ମଧ୍ୟ ସାଜିଛନ୍ତି ସେହି ଛାତ୍ରଛାତ୍ରୀ। କିଛି ଏହିପରି ହାଟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଲା ବ୍ଲକର ଜବାନପଲ୍ଲୀ ବିଦ୍ୟାଳୟରେ। ଏଠାରେ ପିଲାମାନଙ୍କୁ ଭବିଷ୍ୟତରେ ନିଜର ଜୀବନ ଜୀବିକା ନିର୍ବାହ କରିବା ପାଇଁ ଗ୍ରାମୀଣ ହାଟ ଏକ ମାଧ୍ୟମ ବୋଲି ଜ୍ଞାନ ପ୍ରଦାନ କରଯାଇଥିଲା। ଶୁକ୍ରବାର ଏହି ବିଦ୍ୟାଳୟରେ ପିଲାମାନଙ୍କୁ ନେଇ ଅସ୍ଥାୟୀ ହାଟ ସ୍ଥାପନ କରାଯାଇଥିଲା ସେଠାରେ ସେମାନେ ଓଜନ ଯନ୍ତ୍ର, ମାପ ଗଣତି, ବିଭିନ୍ନ ସାମଗ୍ରୀକୁ ବିକ୍ରିକା, ହାଟ ଦେଖିବା ସହଯୋଗ କରିଥିଲେ।

## ସେଲେକୋର ହୋମ୍ ଆପ୍ଲାଏନ୍ସ ପୋର୍ଟଫୋଲିଓ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୨।୧୦(ଏଜେନ୍ସି):** ଇଲେକ୍ଟ୍ରୋନିକ୍ସ ଶିଳ୍ପର ଅଗ୍ରଣୀ ନାମ ସେଲେକୋର ଗ୍ୟାଜେଟ୍ସ ଲିମିଟେଡ୍ ଘରୋଇ ଉପକରଣ ବଜାରରେ ଏହାର ନୂତନ ସଂଯୋଗ ଘୋଷଣା କରିଛି। ଅଭିନବ ଏବଂ ବିଶ୍ୱସନୀୟ ଉତ୍ପାଦ ମାଧ୍ୟମରେ ଦୈନନ୍ଦିନ ଜୀବନକୁ ଉନ୍ନତ କରିବାର ଲକ୍ଷ୍ୟ ରଖି, ସେଲେକୋର ଚଳିତ ଅକ୍ଟୋବର ମାସରେ ଫ୍ରିଜ୍ , ଗିଜର ଏବଂ ରୁମ୍ ହିଟରର ଏକ ନୂତନ ଶୃଙ୍ଖଳା ଉପସ୍ଥାପନ କରୁଛି, ଯାହା କି ଘରୋଇ ଆବଶ୍ୟକତାକୁ ପୂରଣ କରୁଥିବା ଆଧୁନିକ ଏବଂ ଦକ୍ଷ ସମାଧାନ ସହିତ ଏହାର ପୋର୍ଟଫୋଲିଓକୁ ବିବିଧ କରୁଛି । ସେଲେକୋର ୧୮୦ ଲିଟର, ୧୮୫ ଲିଟର ଏବଂ ୨୦୫ ଲିଟର କ୍ଷମତାରେ ଉପଲବ୍ଧ ରେଫ୍ରିଜରେଟରର ଏକ ନୂତନ ଲାଇନ୍ ଉପସ୍ଥାପନ କରୁଛି । ଏହି ଫ୍ରିଜ୍ ଗୁଡ଼ିକ ଶକ୍ତି ଦକ୍ଷତା ଏବଂ ସ୍ଥାୟୀତ୍ୱକୁ ମିଶାଇ ଘରୋଇ ଆବଶ୍ୟକତା ପୂରଣ କରିଥାଏ । ଶକ୍ତି-ଦକ୍ଷ କମ୍ପ୍ରେସର ଏବଂ କଠୋର କାଚ ସେଲଫ୍ ସହିତ, ଏହି ଫ୍ରିଜ୍ଗୁଡିକ ବିଶ୍ୱସନୀୟ କାର୍ଯ୍ୟଦକ୍ଷତା ଏବଂ ପର୍ଯ୍ୟାପ୍ତ ଷ୍ଟୋରେଜ୍ ପ୍ରଦାନ କରିଥାଏ, ଯାହା ବିଦ୍ୟୁତ୍ ବିଲ୍ ହ୍ରାସ ଏବଂ ସ୍ଥାୟୀ ସ୍ଥାୟୀତ୍ୱ ସୁନିଶ୍ଚିତ କରେ । ହୋମ୍ ଆପ୍ଲାଏନ୍ସରେ ସେଲିକରର ସଦ୍ୟତମ ସଫଳତା ମଧ୍ୟରେ ଦୁଇଟି ଭାରିଆଟ୍ରେ ଉପଲବ୍ଧ ଗିଜରର ଏକ ଅଭିନବ ଶୃଙ୍ଖଳା ଅନ୍ତର୍ଭୁକ୍ତ ଅଛି – ଇଲେକ୍ଟ୍ରିକ୍ ଇନଷ୍ଟାଟ୍ ଗିଜର୍ ଏବଂ ଷ୍ଟେସନାରୀ ଷ୍ଟୋରେଜ୍ ଗିଜର୍।

## ଅଲକାର୍ଗୋ ଗତିର ସାଧାରଣ ମୂଲ୍ୟ ବୃଦ୍ଧି

**ନୂଆଦିଲ୍ଲୀ,୨।୧୦(ଏଜେନ୍ସି):** ଭାରତର ଅଗ୍ରଣୀ ପ୍ରିମିୟର ଏକ୍ସପ୍ରେସ ବିତରଣ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନା କମ୍ପାନୀ ମଧ୍ୟରୁ ଅନ୍ୟତମ କମ୍ପାନୀ ଅଲକାର୍ଗୋ ଗତି ଲିମିଟେଡ(ପୂର୍ବର ଗତି ଲିମିଟେଡ) ଏହାର ଏକ୍ସପ୍ରେସ ବିତରଣ ସେବା କ୍ଷେତ୍ରରେ ୧ ଜାନୁଆରୀ, ୨୦୨୫ଠାରୁ ୧୦.୨% ହାରାହାରି ସାଧାରଣ ମୂଲ୍ୟ ବୃଦ୍ଧି (ଜିପିଆଇ) ସମ୍ପର୍କରେ ଘୋଷଣା କରିଛି। ୨୦୧୯ ରେ ଅଲକାର୍ଗୋ ଲଜିଷ୍ଟିକ ଲିମିଟେଡ ଗତିର ରଣନୀତିକ ଅଧିଗ୍ରହଣ ଦ୍ୱାରା ଏହା ହେଉଛି ପ୍ରଥମ ମୂଲ୍ୟ ସଂଶୋଧନ। ଜାରି ରହିଥିବା କାର୍ଯ୍ୟକ୍ଷମ ପୁଞ୍ଜି ବିନିଯୋଗ ସହିତ ସେବା ଗୁଣବତାର ଉଚ୍ଚ ମାନ ବଜାୟ ରଖିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା କରାଯାଇଛି। ମୁଦ୍ରାସ୍ଫୀତି, ନିୟାମକ ଏବଂ ସୁରକ୍ଷା ବ୍ୟବସ୍ଥା ସହ ଜଡିତ ପ୍ରଶାସନିକ ଖର୍ଚ୍ଚ, ଭିତ୍ତିଭୂମି ତଥା ବୈଷୟିକ ପ୍ରଗତିରେ ଅଧିକ ପୁଞ୍ଜି ବିନିଯୋଗକୁ ଦୃଷ୍ଟିରେ ରଖି ଜିପିଆଇ ବର୍ଷ ଆଧାରରେ ଖର୍ଚ୍ଚର ମହତ୍ତ୍ୱପୂର୍ଣ୍ଣ ବୃଦ୍ଧିକୁ ବନ୍ଦ କରିବାରେ ସାହାଯ୍ୟ କରିବ। ନୂତନ ଗ୍ରାହକ ଯେଉଁମାନେ ୨୦୨୪ ଅକ୍ଟୋବର ୧ ରୁ ଡିସେମ୍ବର ୩୧ ମଧ୍ୟରେ ସାଇନ ଅପ କରିଛନ୍ତି, ସେମାନେ ଜିପିଆଇକୁ ବାଦ ଦେବେ।

## ଇସ୍ପାତ ଏକ୍ସପ୍ରେସରୁ ଗଞ୍ଜେଇ ଜବତ, ୨ ଗିରଫ, ଦିବ୍ୟାଙ୍ଗ ନାବାଳକ ଅଟକ



ବଲାଙ୍ଗିର,(ନିପ୍ର): ବଲାଙ୍ଗିର ରେଲେଷ୍ଟେସନରୁ ଇସ୍ପାତ ଏକ୍ସପ୍ରେସ ଟ୍ରେନରୁ ବଲାଙ୍ଗିର ରେଳ ସୁରକ୍ଷା ବଳ(ଆରପିଏଫ୍) ୨୬କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ବିହାରର ଆନନ୍ଦ କୁମାର (୧୯) ଓ ପଶ୍ଚିମବଙ୍ଗର ମିନାରୁଲ ସେଖ୍ (୪୫)ଙ୍କୁ ଗିରଫ କରିବା ସହ ବିହାରର ଦିବ୍ୟାଙ୍ଗ ନାବାଳକ(୧୭)କୁ ଅଟକ ରଖାଯାଇଛି। କଣ୍ଟାବାଞ୍ଜିରୁ ହାଓଡ଼ା ଅଭିମୁଖେ ଯାଉଥିବା ଇସ୍ପାତ ଏକ୍ସପ୍ରେସ ଟ୍ରେନରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ବଲାଙ୍ଗିର ଆରପିଏଫ ଇନ୍ସପେକ୍ଟର ରାଜ ସିଂ ମଲ୍ଲିକଙ୍କ ନେତୃତ୍ୱରେ ବଲାଙ୍ଗିର ଷ୍ଟେସନରେ ଟ୍ରେନରେ ଚଢ଼ଉ କରାଯାଇଥିଲା। ଟ୍ରେନରେ ଗଞ୍ଜେଇ ଜବତ ସହ ୩ ଅଭିଯୁକ୍ତଙ୍କୁ କାବୁ କରା ଯାଇଥିଲା। ଅଭିଯୁକ୍ତମାନେ ସର୍ବଶେଷ ଷ୍ଟେସନରୁ ଗଞ୍ଜେଇ ଆଣି ବିହାର ଓ ପଶ୍ଚିମବଙ୍ଗ ଚାଲାଣ କରୁଥିବା ତଦନ୍ତରୁ ଜଣାପଡ଼ିଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୫ଲକ୍ଷ ୩୪ହଜାର ଟଙ୍କା ବୋଲି ବଲାଙ୍ଗିର ରେଳ ସୁରକ୍ଷା ବଳ ଇନ୍ସପେକ୍ଟର ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି। ଗଞ୍ଜେଇ ଜବତ ମାମଲାରେ ଆରପିଏଫ ମାମଲା ରୁଜୁ କରି ଜବତ ଗଞ୍ଜେଇ ସହ ଅଭିଯୁକ୍ତମାନଙ୍କୁ ବଲାଙ୍ଗିର ଅବକାରୀ ବିଭାଗକୁ ହସ୍ତାନ୍ତର କରିଛି।

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଇଏଫଏସସି ସିଙ୍ଗଲ ୱିଣ୍ଡୋ ସିଷ୍ଟମର ଶୁଭାରମ୍ଭ


**ନୂଆଦିଲ୍ଲୀ,୨।୧୦(ଏଜେନ୍ସି):** କ୍ଲାଉଡ୍ ସେବା, ଡିଜିଟାଲ ଟ୍ରାନ୍ସଫର୍ମେସନ୍, ଏଟରପ୍ରାଇଜ୍ ଆପ୍ଲିକେସନ୍ ଏବଂ ପରିଚାଳିତ ଆଇଟି ସେବା ପ୍ରଦାନ କରୁଥିବା ଏକ ବିଶ୍ୱସ୍ତରୀୟ ଆଇଟି ସେବା କମ୍ପାନୀ ଡେଭ୍ ଇନଫର୍ମେସନ୍ ଟେକ୍ନୋଲୋଜି ଲିମିଟେଡ୍ , ସିଙ୍ଗଲ ୱିଣ୍ଡୋ ଆଇଟି ସିଷ୍ଟମ୍ ର ବିକାଶ ସହିତ ଏହାର ବୈଷୟିକ ଦକ୍ଷତା ପ୍ରଦର୍ଶନ କରିଛି। ଭାରତର ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ର (ଆଇଏଫଏସସି) ମଧ୍ୟରେ ବ୍ୟବସାୟ ପ୍ରତିଷ୍ଠାର ପଦ୍ଧତିରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ପ୍ଲାଟଫର୍ମ ଅହମ୍ମଦାବାଦରେ ଆରମ୍ଭ କରାଯାଇଛି। ସେପ୍ଟେମ୍ବର ୧୬, ୨୦୨୪ରେ ଅହମ୍ମଦାବାଦଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ଲାଟଫର୍ମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏସଡବ୍ଲ୍ୟୁଆଇଟିର ସଫଳ ବିକାଶ ଅତ୍ୟାଧୁନିକ ଡିଜିଟାଲ ସମାଧାନ ପ୍ରଦାନ କରିବାରେ ଦେବ ଆଇଟିର କ୍ଷମତାକୁ ଦର୍ଶାଏ । ଏହି ସଫଳତା କେବଳ ଡିଜିଟାଲ ପରିବର୍ତ୍ତନରେ କମ୍ପାନୀର ନେତୃତ୍ୱକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱାସ୍ଥ୍ୟସେବା, ଇ-ଗଭର୍ଣ୍ଣାନ୍ସ ଏବଂ ରିଟେଲ ଭଳି ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପ୍ରଭାବଶାଳୀ ପ୍ରକଳ୍ପ ପାଇଁ ଦ୍ୱାର ଖୋଲିଥାଏ, ଯେଉଁଠାରେ ସୁବ୍ୟବସ୍ଥିତ ବ୍ୟବସ୍ଥା ପରିଚାଳନା ଦକ୍ଷତା ବୃଦ୍ଧି କରିପାରିବ ।

ଦେବ ଇନଫର୍ମେସନ ଟେକ୍ନୋଲୋଜି ଲିମିଟେଡର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଣବ ପାଣ୍ଡ୍ୟା କହିଛନ୍ତି ଯେ, "ଏସଡବ୍ଲ୍ୟୁଆଇଟି ର ଶୁଭାରମ୍ଭ ସହିତ ଭାରତର ଡିଜିଟାଲ ପରିବର୍ତ୍ତନ ଯାତ୍ରାର ଏକ ଅଂଶ ହୋଇ ଆମେ ଆନନ୍ଦିତ । ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ମାର୍ଗଦର୍ଶନରେ ବିକଶିତ ଏହି ପ୍ରକଳ୍ପ ଜଟିଳ ବ୍ୟବସାୟ ପ୍ରକ୍ରିୟାକୁ ସରଳ କରିବା, ଭାରତର ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ରଗୁଡ଼ିକରେ ନିଜକୁ ପ୍ରତିଷ୍ଠା କରିବାକୁ ଚାହୁଁଥିବା ବ୍ୟବସାୟଗୁଡିକ ପାଇଁ ପରିଚାଳନା ଦକ୍ଷତା ବୃଦ୍ଧି କରିବା ପାଇଁ ସ୍କେଲେବଲ୍, ଅଭିନବ ସମାଧାନ ସୃଷ୍ଟି କରିବାର ଆମର ଦକ୍ଷତା ପ୍ରଦର୍ଶନ କରେ।

## ଅସଦାଚରଣ ଓ ଆକ୍ରମଣ ମାମଲାରେ ୨ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ

ଫୁଲବାଣୀ,(ନିପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ଅସଦାଚରଣ, ଆକ୍ରମଣ ଏବଂ ଚୋରି ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୭ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଫୁଲବାଣୀ ଟାଉନଥାନା ଅନ୍ତର୍ଗତ ଫୁଲବାଣୀ ସାହିର ସୁଜିତ୍ କୁମାର ମହାନ୍ତି (୩୪) ଏବଂ ରାଜୀବ ରଣା (୨୪)। ଏହା ସହିତ ସେମାନଙ୍କୁ ୧୪,୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ଅଧିକ ୨ବର୍ଷ ୧୦ମାସ ୭ଦିନ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ବିବରଣୀରୁ ପ୍ରକାଶ ଯେ, ତିନି ନାବାଳକ/ନାବାଳିକା ଭାଇ ଭଉଣୀ ଭଡ଼ା ଘରେ ଶୋଇଥିବା ବେଳେ ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ର ଧରି ବିଳମ୍ବିତ ରାତ୍ରରେ କବାଟ ବାଡେଇ, ଝରକା ଭାଙ୍ଗି ଗୃହ ଭିତରେ ପ୍ରବେଶ କରି ସେମାନଙ୍କୁ ଅସଦାଚରଣ କରିବା ସହ ମାଡ଼ ମାରିଥିଲେ। ସେମାନଙ୍କ କଥାରେ ରାଜି ନ ହେଲେ ଏସିଡ୍ ପକେଇ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ଏହି ସମୟରେ ଚତୁରତାର ସହିତ ଜଣେ ପୀଡ଼ିତା ଚାଇଲ୍ଡ ହେଲ୍ପ ଲାଇନ ୧୦୮୯କୁ ସାହାଯ୍ୟ ପାଇଁ ଫୋନ୍ କରିଥିଲେ। କିଛି ସମୟ ମଧ୍ୟରେ ଚାଇଲ୍ଡ ହେଲ୍ପଲାଇନ ସଦସ୍ୟ ଏବଂ ପୁଲିସ ଆସି ପହଞ୍ଚି ଯାଇଥିଲେ। ପୀଡ଼ିତା ଫୁଲବାଣୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ସରକାରୀ ଓକିଲ ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ଭଲ ରାସ୍ତା ନଥିବାରୁ ଖଟିଆରେ ବୁହା ହେଲେ ରୋଗୀ



ମ.ରାମପୁର,(ନିପ୍ର) : ଆଜି ବି ଦୁର୍ଗମ ଅଞ୍ଚଳକୁ ଭଲ ରାସ୍ତା ଖଣ୍ଡେ ନାହିଁ। ଯାହାଫଳରେ ଖଟିଆରେ ବୁହା ହେଲେ ରୋଗୀ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲାରେ ସକାଳେ। କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଲୁବେନଗଡ ପଞ୍ଚାୟତର ପୁଇଝୁରୀ ଗାଁରେ। ଏହି ଗାଁର ଜରଲୀ ମାଝୀ ନାମକ ମହିଳାଙ୍କୁ ଜ୍ୱର ହୋଇଥିଲା। ହେଲେ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସିବା ସମ୍ଭବପର ହୋଇନଥିଲା। ତେଣୁ ବାଧହୋଇ ସେହି ଗାଁର କିଛି ଲୋକ ଖଟିଆରେ ତାଙ୍କୁ ନିକଟସ୍ଥ ଉରଲାଦାନୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ତେଣୁ ଭଲ ରାସ୍ତା ଖଣ୍ଡେ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବୁଗୁଡ଼ା-କରସିଙ୍ଗି ରାସ୍ତା ପାଲଟିଛି ମରଣଯନ୍ତା



**ବୁଗୁଡ଼ା,(ନି.ପ୍ର) :** ବୁଗୁଡା-କରସିଙ୍ଗି ରାଜରାସ୍ତାର କେତେକ ସ୍ଥାନ ଖାଲଖମାରେ ପରିପୂର୍ଣ୍ଣ ଯୋଗୁଁ ଅନେକ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଥିଲେ ହେଁ ପ୍ରଶାସନିକ ଉଦାସୀନତା ଯୋଗୁଁ ତାହାର କୌଣସି ପ୍ରତିକାର ବ୍ୟବସ୍ଥା ହୋଇ ପାରୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିବା ଜଣାଯାଇଛି। ପ୍ରକାଶ ଯେ, ବୁଗୁଡ଼ାରୁ ନୟାଗଡ ଅଭିମୁଖେ ଲମ୍ବିଥିବା ରାଜ୍ୟ ରାଜପଥ ୩୩ରେ କରସିଙ୍ଗି ଛକ ପୂର୍ବରୁ ଗ୍ୟାସ୍ ଗୋଦାମ ନିକଟରେ ରାସ୍ତା ସାରା ଖାଲଖମାରେ ପୂର୍ଣ୍ଣ ହୋଇଥିବାରୁ ଯାନବାହାନ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ସାମାନ୍ୟ ଅସାବଧାନତାରୁ ଦୁର୍ଘଟଣାମାନ ଘଟୁଛି। ଏଥିପ୍ରତି ପୂର୍ତ୍ତ ବିଭାଗ ଅଣଦେଖା କରୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଗତ କିଛି ଦିନ ତଳେ ଓଡଗାଁ ଅଞ୍ଚଳର ଏକ ଦମ୍ପତ୍ତି ବାଇକରେ ଯାଉଥିବା ବେଳେ ସେହି ଖାଲରେ ପଡି ଖଣ୍ଡିଆ ଖାବରା ହୋଇଥିବା ବେଳେ ଅନ୍ୟ ଏକ ଯାତ୍ରୀବାହୀ ଅଟୋ ସାମନା ପଟୁ ଆସୁଥିବା ଗାଡି ଖାଲରେ ପଡିବା ଯୋଗୁଁ ତାହାର ଛିଟିକା ଗୋଳିଆ ପାଣି ଅଟୋ କାଚ ଓ ଚାଳକ ଉପରେ ପଡିବାରୁ ତାହା ନିୟନ୍ତ୍ରଣ ହରାଇ ରାସ୍ତାକଡ ବିଲମାଳକୁ ଚାଲି ଯାଇଥିଲେ ହେଁ କୌଣସି କ୍ଷୟକ୍ଷତି ନ ଘଟିବା ସହ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ରାଜରାସ୍ତାର ସେହି ସ୍ଥାନରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଧ୍ୟାନ ଦେଇ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ଜଳବାହିତ ରୋଗ ନିରାକରଣ ସଚେତନତା


**ଫୁଲବାଣୀ,(ନିପ୍ର):** ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ କଟିଙ୍ଗିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଜଳବାହିତ ରୋଗର ନିରାକରଣ ନିମନ୍ତେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ଦ୍ୱାରା ଆୟୋଜିତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅନୁଶୀଳା ରୟ, ଉପ ଖଣ୍ଡୀୟ ଆରକ୍ଷୀ ଅଧିକାରୀ ସୁପ୍ରସେନ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ପଣ୍ଡା, ଗୁମାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା. କଳ୍ପନା ଦଳାଇ, ଜଳ ଏବଂ ଭେକ୍ଟର ବାହିତ ରୋଗର ପରାମର୍ଶଦାତା, କଟିଙ୍ଗିଆ ସରପଞ୍ଚ ଉପସ୍ଥିତ ଥିଲେ।

## ଭୁବନରୁ ଚୋରି ବାଇକ ହିନ୍ଦୋଳରୋଡରୁ ଉଦ୍ଧାର



ଭୁବନ, ୨୯।୦୯ (ନିପ୍ର) : ଭୁବନ ହାଇସ୍କୁଲ ପରିସରରେ ଗଣେଶପୂଜା ଅବସରରେ ଅନୁଷ୍ଠିତ ଶ୍ରୀକ୍ଷେତ୍ର ଧାମ ଦେଖିବାକୁ ଆସିଥିବା ଭୁଷଳ ପଂଚାୟତ ଅସୁରବନ୍ଧ ପାଟଣାର କାଳନ୍ଦି ଚରଣ ସାହୁ ନିଜ ବାଇକ ରଖି ଗତ ୯ତାରିଖରେ ମେଢ଼ ଦେଖୁଥିଲେ। ମେଢ଼ ବୁଲିବାର କିଛି ସମୟ ପରେ ବାଇକ ପାଖକୁ ଆସିବାରେ ସେଠାରୁ ବାଇକଟି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ କାଳନ୍ଦି ଭୁବନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ପୋଲିସ୍ ତଦନ୍ତ ଚଳାଇଥିବା ବେଳେ ଗତ ଶନିବାର ଦିନ ମୋଟଙ୍ଗା ଥାନା ଅନ୍ତର୍ଗତ ହିନ୍ଦୋଳରୋଡ ଅଂଚଳରୁ ପୋଲିସ୍ ବାଇକଟିକୁ ଉଦ୍ଧାର କରିଛି। ଏଥିରେ ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ଫାଣ୍ଡି ଅଧିକାରୀ ବିକାଶ ବେହେରାଙ୍କ ସହଯୋଗରେ ଭୁବନ ଗ୍ରାମରକ୍ଷୀ ଜ୍ୟୋତିରଞ୍ଜନ ମାହୁନ୍ତ ଓ ସୋମନାଥ ପ୍ରଧାନ ବାଇକଟିକୁ ଉଦ୍ଧାର କରିଥିବା ଜଣାପଡିଛି।

## ଘୋଷଣାରେ ଅଟକିଛି ପର୍ଯ୍ୟଟନ ସ୍ଥଳୀ ବିକାଶ



ପାତ୍ରପୁର,(ନିପ୍ର): ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଥିବା ବେଳେ ବିଡ଼ମ୍ବନାର ବିଷୟ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକରେ ବହୁ ପର୍ଯ୍ୟଟନ ସ୍ଥଳ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ସରକାର ଗଞ୍ଜାମ ଜିଲ୍ଲାର ବାଳ କୁମାରୀ ପୀଠ ସହିତ ଦିଗପହଣ୍ଡି, ରଙ୍ଗେଇଲୁଣ୍ଡା, ପାତ୍ରପୁର ଏବଂ ଚିକିଟି ବ୍ଲକର ୧୭ଗୋଟି ପର୍ଯ୍ୟଟନ ସ୍ଥଳକୁ ୧୧ ବର୍ଷ ପୂର୍ବେ ପର୍ଯ୍ୟଟନର ମାନ୍ୟତା ଦେଇଥିଲେ। ଏହି ତିନି ବ୍ଲକର ସମସ୍ତ ମନ୍ଦିର ଦର୍ଶନୀୟ ସ୍ଥାନକୁ ନେଇ ଟୁରିଜିୟମ ସେଣ୍ଟର ପ୍ରତିଷ୍ଠା ସହ ଅଞ୍ଚଳର ବିକାଶ ହେବା ଲକ୍ଷ୍ୟ ରହିଥିଲା। ସେଥି ମଧ୍ୟରୁ ପାତ୍ରପୁର ବ୍ଲକର ତୁମ୍ବା ପଞ୍ଚାୟତର ପୁରାଣ ପ୍ରସିଦ୍ଧ ପର୍ଶୁରାମ କୁଣ୍ଡ, ଜରଡାର ସାରଥି ଧାମ ଏବଂ ଭୈରୀ ଚାଞ୍ଚଡାର ଶୈବ ପୀଠ ରହିଥିଲା। ତେବେ ଇତି ମଧ୍ୟରେ ଭୈରୀ ଚାଞ୍ଚଡ଼ା ପୀଠ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଅନ୍ୟ ଦୁଇଟି ପୀଠ ପ୍ରତି ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ତିତଲି ବାତ୍ୟାରେ ମହେନ୍ଦ୍ର ତନୟା ନଦୀରେ ବନ୍ୟା ଆସିବା ଫଳରେ ପର୍ଶୁରାମ କୁଣ୍ଡ ସ୍ଥାନଟି ସମ୍ପୂର୍ଣ୍ଣ ନଷ୍ଟ ହେଉଛି। ପର୍ଶୁରାମ କିଛିଦିନ ତପସ୍ୟା କରିବା ପାଇଁ ମହେନ୍ଦ୍ର ପାହାଡରେ ଅବସ୍ଥାନ କରିଥିବାବେଳେ ପର୍ଶୁରାମ କୁଣ୍ଡକୁ ତିଳ ତର୍ପଣ ପାଇଁ ଆସୁଥିବା ପ୍ରବାଦ ରହିଛି। ଏହି ସ୍ଥାନରେ ମାତା ସୀତାଙ୍କ କୁଣ୍ଡ ସହିତ ବହୁକୁଣ୍ଡ ରହିଥିଲା, ଯାହାକି ଗ୍ରୀଷ୍ମ ଋତୁରେ ନଦୀରେ ପାଣି ସୁଖିଯିବା ପରେ ମଧ କୁଣ୍ଡରେ ପାଣି ରହୁଥିଲା। ମାଘ ସପ୍ତମୀ ତିଥିରେ ଭକ୍ତମାନେ ଏହି କୁଣ୍ଡରେ ବୁଡ଼ ପକାଇବା, ମହେନ୍ଦ୍ର ପାହାଡ଼ରେ ଅବସ୍ଥିତ ପଞ୍ଚୁ ପାଣ୍ଡବଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରୁଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଏହି କ୍ଷେତ୍ରର କିଛି ଉନ୍ନତି ପାଇଁ ପଦକ୍ଷେପ ନିଆଯାଇ କାର୍ଯ୍ୟ ଆରମ୍ଭ କରିଥିଲେ। ସେହିପରି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ କାଞ୍ଚି ଅଭିଯାନବେଳେ ମହେନ୍ଦ୍ର ପର୍ବତରେ ଅବସ୍ଥାନବେଳେ ଅପୂଜ୍ୟ ହୋଇ ରହୁଥିବା ସାରଥୀଙ୍କ ସ୍ୱପ୍ନାଦେଶ ହୋଇଥିଲା। ଗଜପତି ମହାରାଜା ସାରଥୀଙ୍କୁ ଉଦ୍ଧାର କରି ଜରଡାର ତତ୍କାଳୀନ ଜମିଦାରଙ୍କୁ ହସ୍ତାନ୍ତର କରିବା ପରେ ଜରଡାରେ ପ୍ରଭୁଙ୍କ ମନ୍ଦିର ନିର୍ମାଣ ହୋଇଛି। ପ୍ରତି ବର୍ଷ ସାରଥିଙ୍କ ଯାତ୍ରାବେଳେ ଭକ୍ତଙ୍କ ଭିଡ଼ ହୁଏ। ଏହି ରଥ ଟଣା ହେଲେ କୁଆଡେ ପୁରୀ ରଥ ଟଣା ଯାଉଥିବା ଲୋକ ମୁଖରୁ ଶୁଣିବାକୁ ମିଳେ। ବର୍ଷ ତମାମ ଏହି ଦୁଇ ପୁରାଣ ବର୍ଣ୍ଣିତ କ୍ଷେତ୍ରକୁ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୁଏ। ପ୍ରାକୃତିକ ପରିବେଶ ମଧ୍ୟରେ ପାତ୍ରପୁର ବ୍ଲକଟି ଜଙ୍ଗଲ ଘେରା ମଧ୍ୟରେ ରହିଛି। ଏ ମଧ୍ୟରେ ଏହି ତିନି ସ୍ଥାନ ସମେତ ଅଞ୍ଚଳର ବିଭିନ୍ନ ସ୍ଥାନକୁ ପକ୍କା ରାସ୍ତା ନିର୍ମାଣ ହୋଇଛି। ଏହି ବ୍ଲକର ସାରଥି ଧାମ ପରେ ପର୍ଶୁରାମ କୁଣ୍ଡ ପଡୁଥିବା ଆଗକୁ ଗଲେ ବାରହା ପଥର ନିକଟ ନଦୀର ମନୋରମ ପାର୍ବତ୍ୟ ଶଯ୍ୟା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ସେହିପରି ତାଳ ବାଡ ନିକଟରେ ଥିବା ମନଲୋଭା ହୋମ ଗଣ୍ଡରେ ଆନ୍ଧ୍ର ପ୍ରଦେଶ ପର୍ଯ୍ୟଟକମାନଙ୍କ ଭିଡ ପ୍ରତିବର୍ଷ ଜମି ଥାଏ। ଅଞ୍ଚଳର ଅନ୍ୟତମ ଦେବୀ ପୀଠ ନୂଆଁଗଡ଼ କୁରେଇଶୁଣି ରାଜା ରାଜୁଡ଼ା ଅମଳରୁ ରହିଥିବାବେଳେ ନିକଟରେ ବାଘଲଟି ଜଳଭଣ୍ଡାର ନିର୍ମାଣ ହେବା ସହ ଗଜପତି ଜିଲ୍ଲାକୁ ରାସ୍ତା ଖୋଲିବା ପରେ ବର୍ଷ ତମାମ ପର୍ଯ୍ୟଟକ ଭିଡ ପରିଲକ୍ଷିତ ହେଉଛି। ବାଘଲଟି ଡ୍ୟାମଠାରୁ ଅନତି ଦୂର ଆଙ୍କୁଲି ପଞ୍ଚାୟତର ଦୂତିକା ସାହି ଜଙ୍ଗଲର ରଙ୍ଗୁଡ ନିକଟରେ ଥିବା ଅସୁର ଝୋଲା ଜଳପ୍ରପାତ ରହିଛି। ଏହି ପ୍ରପାତରୁ ପ୍ରାୟ ୬୦ମିଟର ଉଚ୍ଚରୁ ପାଣି ଖସିବା ଦୃଶ୍ୟ ବହୁତ ସୁନ୍ଦର ଦେଖା ଯାଉଛି। ଏପରିକି ପ୍ରପାତଠାରୁ ବହିଥିବା ଝରଣାରେ ଗୁମ୍ଫା ସହ ପାର୍ବତ୍ୟ ପଥ ଆକୃଷ୍ଟ କରୁଥିବାବେଳେ ପ୍ରଶାସନ ଦୃଷ୍ଟିକୁ ଆସୁନାହିଁ। ବ୍ରିଟିଶ ଶାସନ ସମୟରେ ସୂରଙ୍ଗୀ ରାଜା(ଜମିଦାର) ଏହି ଅଞ୍ଚଳର ସ୍ୱାଦିଷ୍ଟ କମଳା ଇଂରାଜୀ ଇଂଜିନିୟରମାନଙ୍କୁ ପ୍ରଦାନ କରୁଥିଲେ। ଶୀତ ଦିନମାନଙ୍କରେ ରାଜା ଏହି ପ୍ରପାତ ତଳ ଅଂଶରେ ଥିବା ଢେଇପଡ଼ା ନିକଟରେ ଶିକାର ପାଇଁ ତମ୍ବୁ ପକାଇବା ସହ ବ୍ରିଟିଶ ଅଧିକାରୀମାନେ ମଧ୍ୟ ଯୋଗଦେଇ ଏହି ସ୍ଥାନର ମଜା ନେଉଥିଲେ। ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ପ୍ରପାତ ସ୍ଥଳ ସହିତ ପାଣି ପ୍ରବାହିତ ପ୍ରାୟ ୧ କିଲୋମିଟର ପଥ ଆକୃଷ୍ଟର କେନ୍ଦ୍ର ବିନ୍ଦୁ ପାଲଟିଛି। ନିକଟରେ ବହୁ ପଥର ଗୁମ୍ଫା ରହିଥିବା ବେଳେ କେତେକ ଗୁମ୍ଫା ଦେଇ ପାଣି ପ୍ରବାହିତ ଦୃଶ୍ୟ ଅତ୍ୟନ୍ତ ଆଦୃତ କରୁଛି। ପାହାଡରୁ ପାଣି ଖସି ଏକ ବଡ଼ ପଥର ଉପରେ କ୍ଷୀପ୍ର ଗତିରେ ପଡ଼ିବା ପରେ ନିକଟରେ ଏକ ବଡ଼ କୁଣ୍ଡରେ ପାଣି ପୂର୍ଣ୍ଣ ହୋଇ ତଳକୁ ଯାଉଛି। ପାତ୍ରପୁର ଅଞ୍ଚଳର ପର୍ଶୁରାମ କୁଣ୍ଡ ସାରଥି ଧାମ ସହିତ ବହୁ ଦେବାଦେବୀ ମନ୍ଦିର ଜଳଭଣ୍ଡାର ଜଳ ପ୍ରପାତ ଶୋଭା ବଢ଼ାଉଥିବାବେଳେ ଓଡ଼ିଶା ସରକାରଙ୍କ ନଜର ପଡ଼ିଲେ ପାତ୍ରପୁର ପର୍ଯ୍ୟଟନ ହବ୍ ପାଲଟିବ।

## ସଡ଼କ ଦୁର୍ଘଟଣାରେ ଶିକ୍ଷକ ବିଶ୍ୱନାଥ ଗୁରୁତର



ଭୁବନ, ୨୯।୦୯ (ନିପ୍ର) : ରେଙ୍ଗାଳି ବାମ ମୁଖ୍ୟ କେନାଲର ବଡ଼କାଠିଆ ପୋଲ ଉପରେ ଘଟିଥିବା ଦୁର୍ଘଟଣାରେ କଙ୍କଡ଼ାହାଡ଼ ବ୍ଲକର କଣ୍ଡାର ସ୍କୁଲ ଶିକ୍ଷକ ତଥା ଧଳପଡ଼ା ପଂଚାୟତ ଦର୍ଜନୀ ଗ୍ରାମର ବିଶ୍ୱନାଥ ପରିଡ଼ା(୫୦) ଗୁରୁତର ଆହତ ହୋଇଛନ୍ତି। ଶିକ୍ଷକ ବିଶ୍ୱନାଥ ନିଜ ବାଇକ ନଂ ଓଆର୍-୦୪ପି-୦୯୧୦ ଯୋଗେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ, ତାଙ୍କ ବାଇକଟି ଭାଙ୍ଗିରୁଜି ଯାଇଥିବା ଜଣାପଡିଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଚ୍ଚିଦାନନ୍ଦ ଆଇନଙ୍କ ସହଯୋଗରେ ଅନ୍ୟଏକ ପିକ୍ଅପ୍ ଭ୍ୟାନରେ ଗୁରୁତର ଶିକ୍ଷକ ବିଶ୍ୱନାଥଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶିକ୍ଷକ ବିଶ୍ୱନାଥଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ବୋଲିଂ ର୍ୟାଙ୍କିଙ୍ଗରେ ବୁମ୍ରାହ ନମ୍ବରୱାନ୍

## ଦ୍ୱିତୀୟ ସ୍ଥାନକୁ ଖସିଆସିଲେ ଅଶ୍ୱିନ, ବ୍ୟାଟିଂରେ ଜୟସ୍ୱାଲଙ୍କୁ ଶ୍ରେଷ୍ଠ ସ୍ଥାନ

ନୂଆଦିଲ୍ଲୀ, ୨।୧୦(ମହାଭାରତ): ବାଂଲାଦେଶ ବିପକ୍ଷରେ ଏକ ଐତିହାସିକ ବିଜୟ ହାସଲ କରିଛି ଟିମ ଇଣ୍ଡିଆ ବାଜବଲ କ୍ରିକେଟ ଖେଳି ଅସମ୍ଭବ ଉପାୟରେ ବାଂଲାଦେଶକୁ ଚକମା ଦେଇଛି ରୋହିତ ସେନା। ଏହି ବିଜୟ ପରେ ଇଣ୍ଟରନେସନାଲ କ୍ରିକେଟ କାଉନସିଲ ପକ୍ଷରୁ ତାଜା ରାଙ୍କିଙ୍ଗ ଜାରି କରାଯାଇଛି। ଟିମ ଇଣ୍ଡିଆ। ସହ ଦଳର ଅନେକ ଖେଳାଳିଙ୍କୁ ଏଥିରେ ଫାଇଦା ମିଳିଛି। ତେବେ ବିଶେଷ କରି ଭାରତର ୟର୍କର କିଙ୍ଗ ଜଶପ୍ରୀତ ବୁମରାହ ଦୀର୍ଘ ଦିନ ପରେ ନିଜର ସ୍ଥାନ ଫେରି ପାଇଛନ୍ତି।ଆଇସିସି ରାଙ୍କିଙ୍ଗରେ ଟେଷ୍ଟ ବୋଲର ଭାବେ ସେ ପୁଣିଥରେ ଶୀର୍ଷ ସ୍ଥାନକୁ ଫେରିଛନ୍ତି ସାଥୀ ଖେଳାଳି ରବିଚନ୍ଦ୍ରନ ଅଶ୍ୱୀନଙ୍କୁ ପଛରେ ପକାଇ ସର୍ବଶ୍ରେଷ୍ଠ ବୋଲର ପାଲଟିଛନ୍ତି ଜଶପ୍ରୀତ ବୁମରାହ ।

ବାଂଲାଦେଶ ବିପକ୍ଷ ସିରିଜ ଶେଷରେ ଭାରତର ଷ୍ଟାର ପେସର ଜଶପ୍ରୀତ ବୁମରାହ ୮୭୦ ପଏଣ୍ଟ ସହ ସର୍ବଶ୍ରେଷ୍ଠ ବୋଲରର ମାନ୍ୟତା ହାସଲ କରିଛନ୍ତି। ଏହାସହିତ ଭେଟେରାନ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱୀନ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ଏହି ସିରିଜ ପରେ ୮୬୯ ପଏଣ୍ଟ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଅଶ୍ୱିନ। ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜରେ ଉଭୟ ଖେଳାଳି ଦମଦାର ପ୍ରଦର୍ଶନ କରି



୧୧ଟି ଲେଖାଏଁ କେଟ ହାସଲ କରିଛନ୍ତି। କାନପୁର ଐତିହାସିକ ମ୍ୟାଚରେ ବୁମରାହ ୬ଟି ୱିକେଟ ନେଇଥିବା ବେଳେ ଅଶ୍ୱୀନ ୫ଟି ସଫଳତା ପାଇଛନ୍ତି। ତେବେ ପ୍ରଥମ ଟେଷ୍ଟରେ ବିସ୍ଫୋରକ ଶତକ ପାଇଁ ଅଶ୍ୱୀନ ଏହି ସିରିଜରେ ପ୍ଲେୟର ଅଫ ଦ ସିରିଜ ଭାବରେ ମଧ୍ୟ ବିବେଚିତ ହୋଇଛନ୍ତି।

ତେବେ ବାଂଲାଦେଶର ମେହଦୀ ହସନ ମଧ୍ୟ ଏହି ସିରିଜ ପରେ ୪ଟି ସ୍ଥାନ ଉପରକୁ ଉଠି ୧୮ତମ ସ୍ଥାନରେ ପହଞ୍ଚିଛନ୍ତି। ଏହାବ୍ୟତୀତ ଭେଟେରାନ୍ ସ୍ପିନର ତାଲିକାର ୫ଟି ସ୍ଥାନ ଉପରକୁ ଉଠି ୨୮ତମ ସ୍ଥାନରେ ପହଞ୍ଚିଥିବା ବେଳେ ଶ୍ରୀଲଙ୍କା ସ୍ପିନର ପ୍ରଭାତ ଜୟସୁରିୟା ୮୦୧ ପଏଣ୍ଟ ସହ ନିଜ କ୍ୟାରିୟରର ସର୍ବୋଚ୍ଚ ରେଟିଙ୍ଗ ହାସଲ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଦମଦାର ପ୍ରଦର୍ଶନ ବଳରେ ୧୮ ୱିକେଟ ହାସଲ କରି ନବମ ସ୍ଥାନରେ ରହିଛନ୍ତି ପ୍ରଭାତ ।

ଅନ୍ୟ ପକ୍ଷରେ ବ୍ୟାଟିଂ ତାଲିକାରେ ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି ଟପ୍-୧୦ରେ କମବ୍ୟାକ କରିଛନ୍ତି। ୭୨୪ ପଏଣ୍ଟ ସହ ୬ଟି ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନ ହାସଲ କରିଛନ୍ତି ବିରାଟ। କାନପୁର ଟେଷ୍ଟରେ କୋହଲି ପ୍ରଥମ ଇନିଂସରେ ୪୭ ଏବଂ ଦ୍ୱିତୀୟ ଇନିଂସରେ ୨୭ ରନ୍ କରିଛନ୍ତି।ସେହିପରି ଯୁବ ଓପନର ଯଶସ୍ୱୀ ଜଏସ୍ୱାଲ ମଧ୍ୟ ତାଲିକାରେ ବଡ଼ ସଫଳତା ହାସଲ କରିଛନ୍ତି। ଏହି ସିରିଜ ପରେ ୨ଟି ସ୍ଥାନ ଉପରକୁ ଉଠି ୭୯୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି।

# ଅମିତ୍ ରୋହିଦାସଙ୍କୁ ସମ୍ବର୍ଦ୍ଧନା

କଟକ, ୨।୧୦(ମହାଭାରତ): କଟକ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ହକି ଅଲିମ୍ପିଆନ ଅମିତ୍ ରୋହିଦାସଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପ୍ୟାରିସ ଅଲିମ୍ପିକସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଲାଭ କରିଥିଲା। ୧୯୯୩ ମସିହା ମେ ୧୦ ତାରିଖରେ ହକିର ଉତ୍ପତ୍ତି ସ୍ଥଳ ସୁନ୍ଦରଗଡର ସୌନମାରାରେ ଜନ୍ମ ଗ୍ରହଣ କରିଥିବା ଅମିତ୍ ରାଉରକେଲାର ପାନପୋଷ ଠାରେ ବିଧିବଦ୍ଧ ଭାବରେ ଶିକ୍ଷା ଗ୍ରହଣ କରିଥିଲେ ।

୨୦୦୯ରେ ମିଆଁମାରରେ ଆୟୋଜିତ ଅଠର ବର୍ଷରୁ କମ୍ ଭାରତୀୟ ଜୁନିଅର ହକି ଦଳରେ ସେ ପ୍ରଥମେ ଖେଳିବାକୁ ସୁଯୋଗ ପାଇଥିଲେ ଏହି ଖେଳରେ ସେ ସାତଟି ଗୋଲ କରି ଷ୍ଟାର ଖେଳାଳୀର ଆଖ୍ୟା ପାଇଥିଲେ ଏବଂ ଭାରତୀୟ ଦଳ ପଞ୍ଚମ ସ୍ଥାନରେ ରହି ପାରିଥିଲା। ୨୦୧୩ରେ ଇପୋରେ ଆୟୋଜିତ ଏସିଆ କପ୍





ହକିରେ ସିନିୟର୍ ଦଳରେ ଖେଳିବାର ସୁଯୋଗ ପାଇଥିଲେ। ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ସେଥିରେ ଦଳ ରୌପ୍ୟ ପଦକ ଜିତିପାରିଥିଲା ମାଲେସିଆରେ ଅନୁଷ୍ଠିତ ଯୋହର କପ୍ ହକି ପ୍ରତିଯୋଗିତାରେ ଅମିତ ରୌପ୍ୟ ବିଜେତା ଦଳର ଏକ ଅଂଶ ମଧ୍ୟ ଥିଲେ। ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହର ପରିଚାଳନା ନିର୍ଦ୍ଦେଶକ ତଥା ଓଡ଼ିଶା ଆଥଲେଟିକ ଆସୋସିଏସନର ସଭାପତି ଡଃ ଜି ଏସ ପଟ୍ଟନାୟକ ଷ୍ଟାର ହକି ଖେଳାଳୀ ଅମିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଆୟୋଜକ ବିଦ୍ୟାଳୟର ଅଧକ୍ଷ ଡ଼ ପ୍ରିୟଦର୍ଶୀ ନାୟକ, ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁକେଶ ସରାଫ, ପ୍ରଶାସକ ଜି ଏସ ପଣ୍ଡା, ଇଞ୍ଜିନିୟର ରାହୁଲ ରାଜ ପ୍ରମୁଖ ଉପସ୍ଥିତ ଥିଲେ ଅମିତ ରୋହିତ ଦାସ ନିଜ ବକ୍ତବ୍ୟରେ କହିଥିଲେ। ଖେଳାଳୀ ଜୀବନରେ ଅନେକ ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିଥାଏ କିନ୍ତୁ ଧୈର୍ଯ୍ୟ ନ ହରାଇ ଏକାଗ୍ରତା ସହ ଖେଳିଲେ ସଫଳତା ନିଶ୍ଚେ ଆସିବ। ଜୀବନରେ ସଂଘର୍ଷ ପରେ ହିଁ ମୁକୁଟ ପ୍ରାପ୍ତି ହୋଇଥାଏ। କାରଣ ପରିଶ୍ରମ କେବେ ବ୍ୟର୍ଥ ହୁଏନି। ସେଥିପାଇଁ ଓଡିଶା ହକି ଖେଳାଳୀ ଭାବରେ ଅଲିମ୍ପିକସ ମେଡାଲ ଲାଭ କରିବାର ଗୌରବ ସେ ଲାଭ କରିଥିବାରୁ ନିଜକୁ ଗର୍ବିତ ମନେକରୁଛନ୍ତି ସେ ଛାତ୍ରଛାତ୍ରୀ ମାନଙ୍କୁ ହକି ଖେଳିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଷ୍ଟାର ହକି ଖେଳାଳୀ ଅମିତଙ୍କ ସହ ବାର୍ତ୍ତାଳାପ କରିବା ସହ ହସ୍ତାକ୍ଷର ମଧ୍ୟ ସଂଗ୍ରହ କରିଥିଲେ।

# ୨୦୨୫ରେ ଭାରତରେ ହେବ ଖୋ ଖୋ ବିଶ୍ୱକପ୍





ନୂଆଦିଲ୍ଲୀ, ୨।୧୦(ମହାଭାରତ):: ଖୋ ଖୋ ଫେଡେରେସନ୍ ଅଫ୍ ଇଣ୍ଡିଆ। (କେକେଏଫ୍ଆଇ) ଏବଂ ଅନ୍ତର୍ଜାତୀୟ ଖୋ ଖୋ ଫେଡେରେସନ୍ ଘୋଷଣା କରିଛନ୍ତି ଯେ ୨୦୨୫ରେ ଭାରତରେ ପ୍ରଥମ ଖୋ ଖୋ ବିଶ୍ୱକପ୍ ଆୟୋଜନ କରାଯିବ ଏହି ପ୍ରତିଯୋଗିତାରେ ୬ଟି ମହାଦେଶର ୨୪ଟି ଦେଶ ଅଂଶଗ୍ରହଣ କରିବେ ଏବଂ ଏଥିରେ ୧୬ଟି ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ। ବିଶ୍ୱକପ୍ ପୂର୍ବରୁ କେକେଏଫ୍ଆଇ ଏହି ଖେଳକୁ ପ୍ରୋତ୍ସାହିତ କରିବା ପାଇଁ ୧୦ଟି ସହରର ୨୦୦ସ୍କୁଲରେ ପହଞ୍ଚାଇବାକୁ ଯୋଜନା କରିଛି ମେଗା ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅତି କମରେ ୫୦ ଲକ୍ଷ ଖେଳାଳିଙ୍କୁ ପଞ୍ଜୀକରଣ କରିବା ଲକ୍ଷ୍ୟରେ ମହାସଂଘ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସଦସ୍ୟତା ଅଭିଯାନ ଚଳାଇବ ଏହି ଟୁର୍ଣ୍ଣାମେଣ୍ଟରେ ଏକ ସପ୍ତାହ ବ୍ୟାପୀ ସିରିଜ୍ ଖେଳାଯିବ, ଯେଉଁଥିରେ ବିଶ୍ୱର ଶୀର୍ଷ ସ୍ତରୀୟ କ୍ରୀଡାବିତମାନେ ମାନେ ଅଂଶଗ୍ରହଣ କରିବେ।

ଖୋ ଖୋ ବିଶ୍ୱକପ୍ ଏହି ସ୍ୱଦେଶୀ ଭାରତୀୟ କ୍ରୀଡ଼ାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି ଖୋ ଖୋର ମୂଳ ଭାରତରେ ରହିଛି ଏବଂ ବିଶ୍ୱକପ୍ କ୍ରୀଡ଼ାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପ୍ରତିଯୋଗିତାମୂଳକ ଭାବନାକୁ ଆଲୋକିତ କରିବ କାଦୁଅରୁ ଆରମ୍ଭ ହୋଇ ଏବେ ମାଟିକୁ ଯାଇଥିବା ଏହି କ୍ରୀଡ଼ାର ବିଶ୍ୱସ୍ତରୀୟ ଉପସ୍ଥିତି ରହିଛି ଏବଂ ବିଶ୍ୱର ୫୪ଟି ଦେଶ ଏହି ଖେଳ ଖେଳୁଛନ୍ତି।

## ଯୁବ କ୍ରିକେଟରଙ୍କ ଅକାଳ ବିୟୋଗ

କୋଲକାତା, ୨।୧୦: ୨୮ ବର୍ଷ ବୟସରେ ଜଣେ ଯୁବ କ୍ରିକେଟର ହଠାତ ମୃତ୍ୟୁ ହୋଇଛି। ବେଙ୍ଗଲ ପାଇଁ କ୍ରିକେଟ ଖେଳୁଥିବା ଆସିଫ ହୁସେନ ସୋମବାର ରାତିରେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି। କ୍ରିକେଟକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲେ ହେଲେ ତାଙ୍କ ଅକାଳ ବିୟୋଗ ସହ ସେସବୁ ସ୍ୱପ୍ନ ହୋଇ ରହିଯାଇଛି।ରିପୋର୍ଟ ଅନୁସାରେ, ଘଟଣା ପୂର୍ବରୁ ଆସିଫ ବେଶ ସୁସ୍ଥ ରହିଥିଲେ କିନ୍ତୁ ସୋମବାର ରାତିରେ ସେ ଘରର ପାହାଚ ଓହ୍ଲାଉଥିବା ବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା ସେ ଜୋରରେ ତଳେ ପଡ଼ିଥିଲେ ତାଙ୍କୁ ତୁରନ୍ତ ଗୋଟିଏ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା।

କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ତାଙ୍କ ମୁଣ୍ଡର ପଛ ପଟ ପାହାଚରେ ପିଟି ହୋଇଯାଇଥିବାରୁ ସେ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଥିଲେ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

# ପଦ ଛାଡ଼ିଲେ ବାବର ଆଜମ !

ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ ଟିମର ଅଧିନାୟକ ପଦରୁ ବାବର ଆଜମ ଇସ୍ତଫା ଦେବା ସେଇ ସୋସିଆଲ ମିଡ଼ିଆରେ ଇସ୍ତଫା ଦେଇଛନ୍ତି। ଅଧିନାୟକ ଭାବେ ତାଙ୍କର ଏହି ଯାତ୍ରା ବେଶ୍ ଶାନଦାର ଥିଲା। ତାଙ୍କର ଖେଳି କ୍ୟାରିୟର ମଧ୍ୟରେ ତାଙ୍କୁ ସମର୍ଥନ ଓ ସହଯୋଗ କରିଆସିଥିବା ତାଙ୍କର ଅଗଣିତ ପ୍ରଶଂସକଙ୍କୁ ସେ ଏହି ଅବସରରେ ଧନ୍ୟବାଦ ଦେଇଛନ୍ତି ବାବର। ପାକିସ୍ତାନର ଦିନିକିଆ ଓ ଟି-୨୦ ଟିମରୁ ଇସ୍ତଫା ଦେଇଛନ୍ତି।


ତେବେ ବାବର ଅଧିନାୟକ ପଦ ଛାଡ଼ିବାକୁ ନେଇ ପାକିସ୍ତାନ ମିଡ଼ିଆରୁ ଆସିଛି। ଏକ ଚାଞ୍ଚଲ୍ୟକର ଖବର। ବାବର ଅଧିନାୟକ ପଦ ଛାଡ଼ିବାର ବଡ଼ କାରଣ ବିରାଟ କୋହଲି ବୋଲି କିଛି ମଡ଼ିଆରେ ଦାବି କରାଯାଇଛି। ଏହା ପୂର୍ବରୁ ଗତବର୍ଷ ଖେଳାଯାଇଥିବା ଦିନିକିଆ।



ବିଶ୍ୱକପ ପରେ ବାବର ଅଧିନାୟକ ପଦ ଛାଡ଼ିଥିଲେ ମାତ୍ର ପାରିବାରିକ ଚାପ କାରଣରୁ ତାଙ୍କୁ ପୁଣି ଥରେ ଉକ୍ତ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଏବେ ବିରାଟଙ୍କ ନାମ ନେଇ ତାଙ୍କୁ ପଦ ଛାଡ଼ିବାକୁ କୁହାଯାଇଥିବା ଚର୍ଚ୍ଚା ହେଉଛି। ଭାରତ ଓ ପାକିସ୍ତାନ ଉଭୟ ଦେଶ କ୍ରିକେଟରେ ଚିର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ ହେଁ ବାବର ବିରାଟଙ୍କୁ ନିଜର ଆଦର୍ଶ ମାନିଥାନ୍ତି। ଏନେଇ ମଧ୍ୟ ବାବର ମିଡ଼ିଆରେ ସ୍ପଷ୍ଟ କରିସାରିଛନ୍ତି। ଜି ନ୍ୟୁଜର ଜଣେ ପତ୍ରକାରଙ୍କ ମୁତାବକ, ଟି-୨୦ ବିଶ୍ବକପରେ ପରାଜୟ ପରେ ବାବର ବେଶ୍ ଚାପରେ ରହିଥିଲେ। ତାହା ତାଙ୍କର ଅଧିନାୟକ ପଦ ଛାଡ଼ିବାର ବଡ଼ କାରଣ । ଏଥିସହିତ ବିରାଟଙ୍କ ଉଦାହରଣ ଦେବା ସହ ପଦ ଛାଡ଼ିବାକୁ ତାଙ୍କର କିଛି ବିଶ୍ୱସ୍ତ ବନ୍ଧୁ ମନାଇଥିଲେ ବୋଲି ପତ୍ରକାର ଜଣଙ୍କ କହିଛନ୍ତି। ବିରାଟ ୨୦୨୧ରେ ଟିମ୍ ଇଣ୍ଡିଆର ଅଧିନାୟକ ପଦ ଛାଡ଼ିଥିଲେ। ସେହିପରି ବାବର ମଧ୍ୟ ଅନୁରୂପ ଭାବେ ନିଷ୍ପତ୍ତି ନେବା ସହ ନିଜର ଖେଳ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଥିବା ମିଡ଼ିଆରେ ରିପୋର୍ଟ ପ୍ରକାଶ ପାଇଛି।

## ୧୭ ବର୍ଷରୁ କମ୍ ସାଫ୍ ଚାମ୍ପିୟନସିପ୍

# ବାଂଲାଦେଶକୁ ହରାଇ ୬ଷ୍ଠ ଥର ଟ୍ରଫି ହାତେଇଲା ଭାରତ





ନୂଆଦିଲ୍ଲୀ, ୨।୧୦: ୧୭ ବର୍ଷରୁ କମ୍ ଦକ୍ଷିଣ ଏସୀୟ ଫୁଟବଲ ଫେଡେରେସନ (ସାଫ) ଚାମ୍ପିୟନସିପରେ ଦମ୍ ଦେଖାଇଛି ଭାରତୀୟ ଯୁବ ବାହିନୀ। ଫାଇନାଲରେ ପ୍ରତିପକ୍ଷ ବାଂଲାଦେଶକୁ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଭାରତ ୬ଷ୍ଠ ଥର ପାଇଁ ସାଫ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଭୁଟାନର ଥିମ୍ପୁଠାରେ ଆୟୋଜିତ ହୋଇଥିବା ନବମ ସଂସ୍କରଣର ଫାଇନାଲରେ ବିଜୟୀ ହୋଇ ଭାରତ ଟ୍ରଫି ବଜାୟ ରଖିବାରେ ସଫଳ ହୋଇଛି।ଭାରତ ପକ୍ଷରୁ ମହମ୍ମଦ କୈଫ ଓ ଅରବାସ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

ଏହା ପୂର୍ବରୁ ଭାରତ ୨୦୧୩, ୨୦୧୭, ୨୦୧୯, ୨୦୨୨ ଓ ୨୦୨୩ରେ ଅଣ୍ଡର-୧୭ ସାଫ୍ ଚାମ୍ପିୟନସିଫ ଟ୍ରଫି ହାତେଇଥିଲା। ଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧାରେ ଖେଳ ବେଶ୍ ରୋମାଞ୍ଚକର ହୋଇଥିଲା । ଉଭୟ ଦଳର ଖେଳାଳିମାନେ ବିଜୟ ଲକ୍ଷ୍ୟ ନେଇ ଆକ୍ରମଣାତ୍ମକ ପନ୍ଥା ଆପଣାଇଥିଲେ। ଉଭୟ ଦଳ ପାଇଁ ଏକାଧିକ ଗୋଲ ସ୍କୋରର ସୁଯୋଗ ସୃଷ୍ଟି ହୋଇଥିଲେ ହେଁ କୌଣସି ଦଳ ଖାତା ଖୋଲିପାରି ନଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧରେ ୧୩ ମିନିଟ୍ ସମୟରେ ଭାରତ ପକ୍ଷରୁ କୈଫ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଏହାପରେ ବାଂଲାଦେଶ ଗୋଲ ପରିଶୋଧ ନିମନ୍ତେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ହେଁ ସଫଳ ହୋଇନଥିଲା। ପରବର୍ତ୍ତୀ ସମୟରେ ଭାରତର ପକ୍ଷରୁ ଅରବାସ୍ ଆଉ ଏକ ଗୋଲ ସ୍କୋର କରିବା ଫଳରେ ଭାରତ ୨-୦ରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା।

# କଳିଙ୍ଗରେ ଜାତୀୟ କନିଷ୍ଠ ଦୌଡ଼କୁଦ

କଟକ, ୨।୧୦: ଓଡ଼ିଶା ଆଥ୍ଲେଟିକ୍ ସଂଘ(ଓଏଏ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ଦିନ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି ।ସଂଘ ସଭାପତି ଡକ୍ଟର ଜି.ଏସ୍. ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ୪୭ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳପାରିତ ହୋଇଛି।

ସେହିଭଳି ଅକ୍ଟୋବର ୭ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ କନିଷ୍ଠ ଆଥ୍ଲେଟିକ୍ ପ୍ରତିଯୋଗିତା, ୨୫ତାରିଖରୁ ୨୯ ପର୍ଯ୍ୟନ୍ତ ଜାତୀୟ କନିଷ୍ଠ ଆଥ୍ଲେଟିକ୍ ପ୍ରତିଯୋଗିତା ଭୁବନେଶ୍ବରସ୍ଥିତ କଳିଙ୍ଗ ଷ୍ଟାଡିୟମରେ କରାଯିବାକୁ ବୈଠକରେ ସ୍ଥିର ହୋଇଛି ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଅଲିମ୍ପିକ ସଂଘ ମିଳିତ ଉଦ୍ୟମରେ ହେବାକୁ ଥିବା ଏହି ପ୍ରତିଯୋଗିତା ବିଷୟରେ ବିଷଦ ଆଲୋଚନା ହୋଇଥିଲା।

ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ୍ ଡିଗ୍ରି ହାସଲ କରିଥିବା ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଡକ୍ଟର ଆଶୀର୍ବାଦ ବେହେରାଙ୍କୁ ବରଗଡ଼ ଜିଲ୍ଲା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ପ୍ୟାରିସ୍ ଅଲିମ୍ପିକ୍ କାଂସ୍ୟ ପଦକ ହାସଲ କରିଥିବା ଭାରତୀୟ ହକିର ତାରକା ଓଡ଼ିଆ। ଖେଳାଳି ଅମିତ୍ ରୋହିଦାସଙ୍କୁ ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ୍ ୧ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ ।

# ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି ସାମି

ନୂଆଦିଲ୍ଲୀ, ୨।୧୦(ମହାଭାରତ): ବାଂଲାଦେଶ ବିପକ୍ଷରେ ଐତିହାସିକ ବିଜୟର ସେଲିବ୍ରେସନ କରୁଛି ଟିମ ଇଣ୍ଡିଆ କିନ୍ତୁ ଏହା ଭିତରେ ଦଳ ପାଇଁ ଏକ ଦୁଃଖଦ ଖବର ସାମନାକୁ ଆସିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଷ୍ଟାର ପେସ୍ ବୋଲର ମହମ୍ମଦ ଶାମୀ ଦଳରୁ ବାଦ୍ ପଡ଼ିପାରନ୍ତି। ଭାରତ-ଅଷ୍ଟ୍ରେଲିଆ ବର୍ଡର ଗାଭାସ୍କର ଟ୍ରଫି ଉପରେ ସମସ୍ତଙ୍କ ନଜର ରହିଛି। ତାଙ୍କ ସ୍ଥାନରେ କେହି ନୂଆ। ଖେଳାଳିଙ୍କୁ ସୁଯୋଗ ମିଳିପାରେ ବୋଲି ଆଶା କରାଯାଉଛି।

ଅଷ୍ଟ୍ରେଲିଆ। ବିପକ୍ଷରେ ଭାରତର ଷ୍ଟାର ପେସ୍ ବୋଲର ମହମ୍ମଦ ଶାମୀ ଦଳରୁ ବାଦ୍ ପଡ଼ିପାରନ୍ତି। ନେଟ୍ ସେସନରେ ବୋଲିଂ କରୁଥିବା ବେଳେ ସେ ପୁଣି ଥରେ ଗୋଡ଼ରେ ଯନ୍ତ୍ରଣା ଅନୁଭବ କରୁଥିବା ଦେଖାଯାଇଛି। ତେଣୁ ଏନସିଏରେ ତାଙ୍କର ଚିକିତ୍ସା ଆରମ୍ଭ ହେବା ସହ ବିସିସିଆଇର ମେଡିକାଲ ଟିମ୍ ତାଙ୍କ ଉପରେ ନଜର ରଖିଛି। ତେବେ ଏଭଳି ଅବସ୍ଥାରେ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜରେ ଶାମୀଙ୍କ ଖେଳିବା ନେଇ ସନ୍ଦେହ ଦେଖାଦେଇଛି।ଟେଷ୍ଟ ଦଳରେ ୟର୍କର କିଙ୍ଗ ତଥା ଟେଷ୍ଟ କ୍ରିକେଟର ସର୍ବଶ୍ରେଷ୍ଠ ମାନ୍ୟତା ପାଇଥିବା ଜଶପ୍ରୀତ ବୁମରାହ ଖେଳିବା ସୁନିଶ୍ଚିତ। ବୁମରାହଙ୍କ ସହ ମହମ୍ମଦ ସିରାଜ ପେସ୍ ବୋଲିଂର ସୂତ୍ରଧର ରହିବେ। ତାଙ୍କ ସହିତ ତୃତୀୟ ବୋଲର ଭାବେ କୌଣସି ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରିପାରେ ଟିମ ଇଣ୍ଡିଆ।

ବର୍ତ୍ତମାନ ପେସ୍ ଆଟାକରେ ତୃତୀୟ ବିକଳ୍ପ ରହିଛନ୍ତି ଆକାଶଦୀପ। ବାଂଲାଦେଶ ବିପକ୍ଷ



ସିରିଜରେ ଦମଦାର ପ୍ରଦର୍ଶନ କରି ଆକାଶ ଦଳରେ ନିଜର ସ୍ଥାନ ସୁରକ୍ଷିତ କରିବାରେ ସଫଳ ହୋଇଛନ୍ତି। ତେଣୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଶାମୀଙ୍କ ସ୍ଥାନରେ ଟିମ ଇଣ୍ଡିଆ ତାଙ୍କ ଉପରେ ଭରସା କରିପାରେ। ଏହାସହିତ ଅଷ୍ଟ୍ରେଲିଆ ପିଚରେ ଆକାଶଦୀପ ଭାରତ ପାଇଁ ସର୍ବଶ୍ରେଷ୍ଠ ବିକଳ୍ପ ହୋଇପାରନ୍ତି।

ମହମ୍ମଦ ଶାମୀଙ୍କ ସ୍ଥାନରେ ଜଣେ ଭଲ ବିକଳ୍ପ ସାଜିପାରନ୍ତି ମୁକେଶ କୁମାର। ଟେଷ୍ଟ ଫର୍ମାଟରେ ମୁକେଶ କୁମାରଙ୍କ ପ୍ରଦର୍ଶନ ଖୁବ ସୁନ୍ଦର ରହିଛି।ଏହାବ୍ୟତୀତ ଅଷ୍ଟ୍ରେଲିଆ ପିଚ ମୁକେଶଙ୍କୁ ବେଶ୍ ସୁହାଇବ ବୋଲି ଆଶା କରାଯାଉଛି। ଶାମୀଙ୍କ ସ୍ଥାନ ପୂରଣ କରିବା ପାଇଁ ମୁକେଶ କୁମାର ମଧ୍ୟ ଭଲ ବିକଳ୍ପ ହୋଇପାରନ୍ତି।

ଟି-୨୦ ଫର୍ମାଟରେ ଅର୍ଶଦୀପ ସିଂହ ନିଜ ବୋଲିଂର ଜଲୱା ଦେଖାଇ ସାରିଛନ୍ତି। ସେହିପରି ରେଡ୍ ବଲ୍ କ୍ରିକେଟରେ ମଧ୍ୟ ତାଙ୍କ ପ୍ରଦର୍ଶନ ଭଲ ରହିଛି। ଦୁଲୀପ ଟ୍ରଫିରେ ଦମଦାର ପ୍ରଦର୍ଶନ କରି ଟିମ ଇଣ୍ଡିଆ ପାଇଁ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିବାକୁ ସେ ପ୍ରବଳ ଦାବିଦାର ପାଲଟିଛନ୍ତି । ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଅର୍ଶଦୀପଙ୍କୁ ଡେବ୍ୟୁ କରିବାର ସୁଯୋଗ ମିଳିପାରେ। ତେବେ ଏହାପରେ ଶାମୀଙ୍କ ସ୍ଥାନରେ ଏହି ବାମହାତୀ ବୋଲର ଅଷ୍ଟ୍ରେଲିଆ ଗସ୍ତ କରିପାରନ୍ତି।

# ନ୍ୟୁଜିଲାଣ୍ଡର ଅଧିନାୟକ ପଦ ଛାଡ଼ିଲେ ଟିମ୍ ସାଉଦୀ

ନୂଆଦିଲ୍ଲୀ: ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ୨-୦ରେ ପରାସ୍ତ ହେବା ପରେ ନ୍ୟୁଜିଲାଣ୍ଡ ଅଧିନାୟକ ପଦ ଛାଡ଼ିଛନ୍ତି ଟିମ୍ ସାଉଦୀ । ଏହାଫଳରେ ଭାରତ ଗସ୍ତ ପୂର୍ବରୁ ନ୍ୟୁଜିଲାଣ୍ଡର ଅଧିନାୟକ ବଦଳିଛନ୍ତି । ଟମ ଲାଥମ ଏବେ ନ୍ୟୁଜିଲାଣ୍ଡ ଟିମର ନୂଆ। ଅଧିନାୟକ ଭାବେ ନିଯୁକ୍ତି ପାଇଛନ୍ତି। ଲାଥମ ୧୪ଟି ଟେଷ୍ଟରେ ନ୍ୟୁଜିଲାଣ୍ଡ ପାଇଁ ନେତୃତ୍ୱ ନେଇଥିବା ବେଳେ ସେଥିମଧ୍ୟରୁ ୬ଟିରେ ଦଳକୁ ବିଜୟୀ କରାଇଥିଲେ ଓ ୬ଟିରେ ପରାଜୟର ସାମ୍ନା କରିଥିଲେ।

ଅକ୍ଟୋବର ୧୬ରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ୍ ସିରିଜ୍ ଖେଳାଯିବ। ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ଟିମର ଅଧିନାୟକ ଟିମ୍ ସାଉଦୀ ପଦ ଛାଡ଼ିଛନ୍ତି। ଫଳରେ ଭାରତ ଗସ୍ତ ଅବସରରେ ଟମ୍ ଲାଥମ ନ୍ୟୁଜିଲାଣ୍ଡର ନେତୃତ୍ୱ ସମ୍ଭାଳିବେ। ଶ୍ରୀଲଙ୍କା ବିପକ୍ଷରେ ୨-୦ରେ ସିରିଜ୍ ହାରିବା ପରେ ସାଉଦୀ ଟେଷ୍ଟ ଅଧିନାୟକ ପଦରୁ ଇସ୍ତଫା ଦେବା ନେଇ ନିଷ୍ପତ୍ତି ନେଇଥିଲେ। ଦଳର ହିତ ପାଇଁ ସେ ଏହି ପଦକ୍ଷେପ ଗ୍ରହଣ କରିଥିବା ସାଉଦୀ ଏହି ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୨୨ରେ କେନ ୱିଲିୟମସନ ଅଧିନାୟକ ପଦ ଛାଡ଼ିବା ପରେ ସାଉଦୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ଏହା ମଧ୍ୟରେ ପାଖାପାଖି ୨ ବର୍ଷ ଧରି ଅଧିନାୟକ ପଦ ସମ୍ଭାଳିବା ପରେ ଏବେ ସାଉଦୀ ଉକ୍ତ ପଦ ଛାଡ଼ିଛନ୍ତି। ସାଉଦୀଙ୍କ ଅଧିନାୟକତ୍ୱର ନ୍ୟୁଜିଲାଣ୍ଡ ଟିମ୍ କ୍ରମାଗତ ୨ଟି ଟେଷ୍ଟ ସିରିଜରେ ପରାଜୟ ବରଣ କରିଥିଲା । ଶ୍ରୀଲଙ୍କା ପୂର୍ବରୁ ଅଷ୍ଟ୍ରେଲିଆ। ଠାରୁ ମଧ୍ୟ ନ୍ୟୁଜିଲାଣ୍ଡ ୨-୦ରେ ପରାଜୟବରଣ କରିଥିଲା ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ